# ତାଳଚେରରେ ଦୋକାନ ବଜାର, ଅଖଚକ ବନ୍ଦ




ତାଳଚେର,୮ ।୫(ସମିସ): ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ୍ କଲେଜରେ ରୋଗୀସେବା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ ତାଳଚେର ବନ୍ଦ ପାଳନ ସଫଳ ହୋଇଛି। ବନ୍ଦ ପ୍ରଭାବରେ ରେଳ ଚଳାଚଳ ବାଧାପ୍ରାପ୍ତ ହେବା ସହ ଦୋକାନ ବଜାର, ବ୍ୟାଙ୍କ, ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ୍ ସମ୍ପୂର୍ଣ୍ଣ ଭାବରେ ବନ୍ଦ ଥିଲା। ତାଳଚେରର ଜନସାଧାରଣ ସ୍ୱତଃସ୍ଫୂର୍ତ୍ତ ଭାବେ ଏହି ବନ୍ଦକୁ ସମର୍ଥନ କରିଥିବା ଦେଖିବାକୁ ମିଳିଥିଲା। ବହ୍ଲର ଛକରେ ଜାତୀୟ ରାଜପଥ ଅବରୋଧ କରିଥିବା କମିଟିର ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ସୁରଥ ରଥ, ଗଦାଧର ପାତ୍ରଙ୍କୁ ପୁଲିସ୍ ଥାନାରେ ଅଟକ ରଖିବା ସହ ମାମଲା ରୁଜୁ କରିଥିଲା। ସେହିପରି କମିଟି ସଭାପତି ଅଭୟ ପାଣିଙ୍କ ନେତୃତ୍ୱରେ କଂଗ୍ରେସ୍ ନେତା ପ୍ରଫୁଲ୍ଲ ଦାସ, ରୀତାରାଣୀ ଦାସ, ନଖିଆ ସାହୁ, ମନୋଜ ସାହୁ, ଗଗନ ଦାସ, ଶରତ ଦାସ, ବିନୋଦ ଲାଲ୍ ପ୍ରମୁଖ ଡେରା ଓଭରବ୍ରିଜ୍‌ଠାରେ କୋଇଲା ବୋଝେଇ ଟ୍ରେନ୍ ଅଟକାଇଥିଲେ। ଆନ୍ଦୋଳନକୁ ସମର୍ଥନ କରି ନିଜ କର୍ମୀମାନଙ୍କ ସହ ରେଲରୋକରେ ସାମିଲ ହୋଇଥିଲେ ବିଧାୟକ ବ୍ରଜକିଶୋର ପ୍ରଧାନ। ସେହିପରି ଚୈତନ୍ୟ ପ୍ରଧାନ, କେଶବ ଭୂତିଆ, ସୁଲେଖ ସେଠୀ, ଜିନେଶ ସାହୁ, ପ୍ରଫୁଲ୍ଲ ନାଏକ, ଦାସରଥି ସାହୁ, ହରିହର ଦାସ, ସନ୍ତୋଷ ମହାରଣା, ବଳରାମ କୁଣ୍ଡଙ୍କ ନେତୃତ୍ୱରେ ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ବ୍ୟବସାୟ ପ୍ରତିଷ୍ଠାନ, ପେଟ୍ରୋଲ୍ ପମ୍ପ ଇତ୍ୟାଦିରେ ପିକେଟିଂ କରି ବନ୍ଦ କରାଯାଇଥିଲା। ଆନ୍ଦୋଳନରେ ପୂର୍ବତନ ସାଂସଦ ମହେଶ ସାହୁ, କଂଗ୍ରେସ୍ ନେତ୍ରୀ ସସ୍ମିତା ବେହେରା, ରାଜକିଶୋର ସାହୁ, ରମାକାନ୍ତ ସାମଲ, ଶୁଭେନ୍ଦୁ ରଥ, ଶେଷ ମହାନ୍ତି, ସୁଶାନ୍ତ ସାମଲ, ଧୀରେନ ପାଣି, ପ୍ରତାପ ପଟ୍ଟନାୟକ, ସନ୍ତୋଷ ଦେହୁରୀ, ବାସନ୍ତି ନାଥ, ପିଣ୍ଟୁ ପ୍ରଧାନ, ପ୍ରେମାନନ୍ଦ ମହାନ୍ତି ପ୍ରମୁଖ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ।

# ପ୍ରଶାସନ ବାଲି ମାଫିଆ ମଧୁଚନ୍ଦ୍ରିକା
# ବ୍ରାହ୍ମଣୀରୁ ଖୋଲାଖୋଲି ବାଲି ଚୋରି

ଅନୁଗୋଳ,୮ ।୫(ସମିସ)





ଦିନଦିପହରେ ଟ୍ରାକ୍ଟରରେ ବୁହାହୋଇ ବେଧଡ଼କ ଚାଲିଛି ବାଲି ଚୋରି। ଖୁଲମଖୁଲା ଚାଲିଛି ଚୋରାଚାଲାଣ। ପ୍ରଶାସନକୁ ଭୟ ନାହିଁ ବାଲି ମାଫିଆଙ୍କର। ରାଜ୍ୟ ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଥିବା ବେଳେ ମାଲାମାଲ ହେଉଛନ୍ତି ମାଫିଆ। ପ୍ରଶାସନର ଛତ୍ରଛାୟା ତଳେ ବାଲି ଚୋରି ଚାଲିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଶୁଶୁବା ଗ୍ରାମ ଦେଇ ବୋହିଯାଉଥିବା ବ୍ରାହ୍ମଣୀ ନଦୀରୁ ବେଆଇନ ଭାବେ ଏଭଳି ବାଲି ଚାଲାଣ କରାଯାଉଛି।

ବ୍ରାହ୍ମଣୀ ନଦୀର ଅନେକ ସ୍ଥାନରେ ସ୍ୱୀକୃତିପ୍ରାପ୍ତ ବାଲିଘାଟ ରହିଛି। କିନ୍ତୁ ସୁସୁବା ବାଲିଘାଟ ଭଳି ଅନେକ ଘାଟ ନିଲାମ ହୋଇପାରୁ ନାହିଁ। ସୁସୁବା ବାଲିଘାଟରୁ ଅବାଧରେ ବାଲି ଚୋରା ଚାଲାଣ ହେଉଛି। ଅସାଧୁ ବ୍ୟବସାୟୀମାନେ ବାଲି ଚୋରା ଚାଲାଣ କରି ମାଲାମାଲ ହେଉଥିବାବେଳେ ସରକାରଙ୍କ ରାଜସ୍ୱହାନି ଘଟୁଛି। ଏହା ସହିତ ବାଲି ବ୍ୟବସାୟୀମାନେ ବାଲିକୁ ଚଢ଼ା ଦରରେ ବିକ୍ରି କରୁଥିବାରୁ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ନଦୀରୁ ବିପୁଳ ପରିମାଣରେ ବାଲି ଖୋଳି ନେଇ ଯାଉଥିବାରୁ ପ୍ରତିବର୍ଷ ଅଧିକ ଖାଲ ହୋଇଯାଉଛି। ଫଳରେ ବର୍ଷା ଦିନେ ଗାଈଗୋରୁ ପଡ଼ି ମୃତ୍ୟୁବରଣ କରୁଛନ୍ତି। ଏହାଛଡ଼ା ନଦୀ କୂଳରେ ଥିବା ଚାଷଜମିଗୁଡ଼ିକରେ ପାଣି ମାଡ଼ି ବ୍ୟାପକ ଫସଲ ନଷ୍ଟ ହେଉଛି। ଗ୍ରାମବାସୀ ବର୍ଷ ବର୍ଷ ଧରି ଏନେଇ ସ୍ଥାନୀୟ ପ୍ରଶାସନକୁ ଅଭିଯୋଗ କରିଆସୁଛନ୍ତି। ହେଲେ ସେମାନଙ୍କ ଅଭିଯୋଗ ଶୁଣିବାକୁ ସତେ ଯେପରି କେହି ନାହାନ୍ତି। ପ୍ରାୟ ୫/୬ ବର୍ଷ ହେଲା ଦୈନିକ ଶହଶହ ଟ୍ରାକ୍ଟରରେ ବାଲି ଚାଲାଣ ହେଉଛି। ସବୁ ଜାଣିଶୁଣି ଚୁପ୍ ବସିଛି ପ୍ରଶାସନ। ଖଣି ବିଭାଗ, ରାଜସ୍ୱ ବିଭାଗ ଏବଂ ଜିଲ୍ଲାପାଳଙ୍କୁ ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବିପୁଳ ପରିମାଣରେ ବାଲି ଉଠୁଥିବା ଯୋଗୁଁ ନଦୀକୂଳ ଖାଇ ଗଲାଣି। ବର୍ଷା ଦିନେ ଗାଁ ଭିତରକୁ ପାଣି ପଶିବାର ଭୟ ରହିଛି। ନଦୀକୂଳ ଖାଇ ଯାଉଥିବାରୁ ଗୋଚର ଭୂମି ସଙ୍କୁଚିତ ହୋଇଗଲାଣି। ଗୋରୁ ଚରିବା ପାଇଁ ଅସୁବିଧା ହେଉଛି। ସରକାର ଗରିବ ଲୋକଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରି ଘର ଖଣ୍ଡିଏ ତିଆରି କରିବାକୁ ସହାୟତା ପ୍ରଦାନ କରୁଥିବା ବେଳେ ବାଲିର ଆକାଶଛୁଆଁ ଦର ଯୋଗୁଁ ଘର କରିବା କଷ୍ଟକର ହେଉଛି। ମାଫିଆମାନେ ଟ୍ରାକ୍ଟର ପ୍ରତି ୩ ହଜାରରୁ ୩୫୦୦ ଟଙ୍କା ନେଉଥିବାରୁ ଗରିବ ଲୋକମାନେ ବାଲି କିଣି ଆବାସ ନିର୍ମାଣ କରି ପାରୁନାହାନ୍ତି। ଫଳରେ ସେମାନଙ୍କ ଘର କାର୍ଯ୍ୟ ଆଗେଇ ପାରୁନାହିଁ। ଅନ୍ୟପକ୍ଷରେ ପ୍ରଶାସନ ତୁରନ୍ତ ଆବାସ ନିର୍ମାଣ କରିବାକୁ ଚାପ ପକାଉଛି। କଣିହାଁ ତହସିଲଦାର ଚିନ୍ମୟ ଦାସ ବାଲି ଚୋରିକୁ ସ୍ୱୀକାର କରିବା ସହ ଖୁବଶୀଘ୍ର ପୁଲିସ, ଖଣି ବିଭାଗ ଏବଂ ପ୍ରଶାସନ ମିଳିତ ଭାବେ ଚଢ଼ଉ କରାଯିବା ପାଇଁ ଯୋଜନା ଚାଲିଛି ବୋଲି କହିଛନ୍ତି। ବ୍ରାହ୍ମଣୀ ନଦୀରୁ ବାଲି ଚୋରା ଚାଲାଣ ଯୋଗୁଁ ସ୍ଥାନୀୟ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଥିବା ବେଳେ ଏହାକୁ ଗୁରୁତ୍ୱର ସହ ନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ‘ୟାର୍ ବଇଣ୍ଡା’ର ପ୍ରତିଷ୍ଠା ଦିବସ

କିଶୋରନଗର,୮ ।୫(ସମିସ): କିଶୋରନଗର ବ୍ଲକ ୟାର୍ ବଇଣ୍ଡାର ୪୪ତମ ପ୍ରତିଷ୍ଠା ଦିବସ ଲୁହାମୁଣ୍ଡାସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି। ୧୯୩୪ ମେ ୫ ତାରିଖ ମହାତ୍ମା ଗାନ୍ଧୀଙ୍କ ଅନୁଗୋଳ ଆଗମନ ଓ ବଇଣ୍ଡା ଦେଇ ବାମୁରଠାରେ ରାତ୍ରିଯାପନ କରିଥିବାରୁ ସେହିଦିନକୁ ସ୍ମୃତି କରିବା ପାଇଁ ୧୯୮୨ ମେ ୫ରେ ‘ୟାର’ର ଗଠନ ହୋଇଥିଲା। ସେବେଠାରୁ ଏହି ଅନୁଷ୍ଠାନ ଗ୍ରାମାଞ୍ଚଳର ବିକାଶ ପାଇଁ କାର୍ଯ୍ୟ କରିଆସୁଛି। କାର୍ଯ୍ୟକ୍ରମରେ ଭଷାବିତ ଅନ୍ତର୍ଯ୍ୟାମୀ ରଥ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗଡ଼ଜାତ ଆନ୍ଦୋଳନକୁ ପ୍ରସଙ୍ଗ କରି ଅତ୍ୟାଚାରୀ ରାଜାଙ୍କୁ ପ୍ରଜା କିପରି ଗାଦିଚ୍ୟୁତ କରିଥିଲେ ଓ ବର୍ତ୍ତମାନର ଗଣତନ୍ତ୍ରକୁ ଅତ୍ୟାଚାରୀ ରାଜନେତା କିପରି କଳୁଷିତ କରି ନିଜ ସ୍ୱାର୍ଥ ପାଇଁ କ୍ଷମତାର ଦୁରୁପଯୋଗ କରୁଛନ୍ତି ସେ ବିଷୟରେ ଅବତାରଣା କରିଥିଲେ। ପ୍ରତ୍ୟେକ ନାଗରିକ ସଜାଗ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନୁଷ୍ଠାନ ସଭାପତି ଅଧ୍ୟାପକ କୃଷ୍ଣଚନ୍ଦ୍ର ଧୀର ବିଶୋଇ ସଭାପତିତ୍ୱ କରିଥିଲେ। ପ୍ରତିଷ୍ଠାତା ରଣଜିତ ପଟ୍ଟନାୟକ ଗ୍ରାମାଞ୍ଚଳ ଯୁବକେନ୍ଦ୍ର ସ୍ଥାପନ କରି ଡିଜିଟାଲ ଯୁଗରେ ଯୁବପିଢ଼ିଙ୍କୁ ଆଗୁଆ ଜ୍ଞାନକୌଶଳ ଦ୍ୱାରା ପ୍ରଶିକ୍ଷିତ କରାଇବାକୁ ସରକାରଙ୍କୁ ପରାମର୍ଶ ଦେଇଥିଲେ। ଶ୍ରମିକନେତା ଅନାଦି ସାହୁ, ଗନ୍ଧର୍ବ କାନ୍ଧିଆ, ବିଶ୍ୱ ଯୁବକେନ୍ଦ୍ରର ପ୍ରତିଷ୍ଠାତା ମନୋଜ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମମତା ସାହୁ ଧନ୍ୟବାଦ ଦେଇଥିଲେ।





# ନୂତନ ରଥ ନିର୍ମାଣ ଖର୍ଚ୍ଚ ବହନ କରିବେ ଧର୍ମେନ୍ଦ୍ର



ତାଳଚେର,୮ ।୫(ସମିସ): ତାଳଚେର ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଛି। ବୈଠକରେ କମିଟି ସଭାପତି ତଥା ଉପଜିଲ୍ଲାପାଳ ସଭାପତିତ୍ୱ କରିଥିଲାବେଳେ ତାଳଚେର ବିଧାୟକ, ପୂର୍ବତନ ସାଂସଦ, ତାଳଚେର ରାଜାସାହେବ, ସାଂସଦଙ୍କ ପ୍ରତିନିଧି, ନଗରପାଳ, ନିର୍ବାହୀ ଅଧିକାରୀ ଓ ତହସିଲଦାର ପ୍ରମୁଖ ଉପସ୍ଥିତ ଥିଲେ। ରଥଯାତ୍ରା କମିଟି ସଦସ୍ୟମାନେ ସାମିଲ ହୋଇଥିଲେ। ପ୍ରତିବର୍ଷ ରଥ ନିର୍ମାଣ କାର୍ଯ୍ୟ ପାଇଁ ଅର୍ଥର ଆବଶ୍ୟକତାକୁ ପୂରଣ କରିବା ପାଇଁ ରଥ କମିଟି ପକ୍ଷରୁ ପ୍ରଚେଷ୍ଟା କରାଯାଇ କିଛି ବଦାନ୍ୟ ବ୍ୟକ୍ତିଙ୍କୁ ଅନୁରୋଧ କରାଯାଇଥାଏ। ଅବଶିଷ୍ଟ ଅର୍ଥ ପୌର ପରିଷଦ ପକ୍ଷରୁ ମିଳିଥାଏ। କିନ୍ତୁ ଚଳିତ ବର୍ଷ ନୂତନ ରଥ ନିର୍ମାଣ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଖର୍ଚ୍ଚ ବହନ କରିବେ ବୋଲି ଟେଲିଫୋନ ଯୋଗେ ନଗରପାଳ ପବିତ୍ର ଭୂତିଆଙ୍କୁ କହିଥିଲେ। ଫଳରେ ଚଳିତ ବର୍ଷ ରଥ ନିର୍ମାଣ ପାଇଁ ଆଉ ଅର୍ଥର ଅଭାବ ରହିବ ନାହିଁ ବୋଲି ନଗରପାଳ ବୈଠକରେ ପ୍ରକାଶ କରିବା ପରେ କମିଟି ପକ୍ଷରୁ ମନ୍ତ୍ରୀ ପ୍ରଧାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଆଗକୁ ଯେପରି ଆର୍ଥିକ ସମସ୍ୟା ନ ହେବ ସେଥିପାଇଁ ସ୍ଥାୟୀ ପ୍ରତିକାର କରିବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା।

# ଭାରୀଯାନ ଚଳାଚଳ କଟକଣା ମାନୁନାହାନ୍ତି କମ୍ପାନୀ ଗାଡ଼ି ଚାଳକ



ଅନୁଗୋଳ,୮ ।୫(ସମିସ): ଅନୁଗୋଳ ସହର ମଧ୍ୟ ଦେଇ ଭାରୀଯାନ ଚଳାଚଳରେ ଜିଲ୍ଲା ପ୍ରଶାସନର ଅଙ୍କୁଶକୁ କୋଇଲା ପରିବହନକାରୀ କମ୍ପାନୀ ଗାଡ଼ି ଚାଳକମାନେ ମାନୁନାହାନ୍ତି। ସକାଳୁ ରାତି ୧୦ଟା ପର୍ଯ୍ୟନ୍ତ ସହରରେ ଭାରୀଯାନ ଚଳାଚଳରେ କଟକଣା ଜାରି ହୋଇଥିଲେ ମଧ୍ୟ ବେଲଗାମ ଭାବେ ସନ୍ଧ୍ୟା ୭ଟା ବେଳକୁ ଭାରୀଯାନଗୁଡ଼ିକ ମାଳ ମାଳ ହୋଇ ଜନଗହଳି ପୂର୍ଣ୍ଣ ରାସ୍ତାରେ ଲାଇନ ଲଗାଉଛନ୍ତି। ସନ୍ଧ୍ୟା ସମୟରେ ଜନଗହଳି ପୂର୍ଣ୍ଣ ବଜାର, ଛକ ଅଞ୍ଚଳ ଦେଇ ଗାଡ଼ି ଚଳାଚଳ ଯୋଗୁଁ ଦୁର୍ଘଟଣା ଆଶଙ୍କା ରହୁଛି। ମାତ୍ର ଅମାନିଆ ଗାଡ଼ି ଚାଳକ ଜିଲ୍ଲା ପ୍ରଶାସନର କଟକଣାକୁ ମାନୁନାହାନ୍ତି। ସନ୍ଧ୍ୟା ୭ଟା ବେଳେ ହାଇୱେ ପାଟ୍ରୋଲିଂ ପୁଲିସ ନାଲକୋ ଥାନା ଅନ୍ତର୍ଗତ କାଣ୍ଡସର ରଗୁଡ଼ି ସାହି ଛକରେ ଅନୁଗୋଳ ଆଡ଼କୁ ଯାଉଥିବା ଦୁଇଟି ଭାରୀଯାନକୁ ଅଟକାଇ ନୋ-ଏଣ୍ଟ୍ରି ସମୟରେ ଗାଡ଼ି ନ ଚଳାଇବାକୁ ତାଗିଦ କରିଥିଲେ। ଚାଳକଙ୍କଠୁ ଡ୍ରାଇଭିଂ ଲାଇସେନ୍ସ ନେଇ ଯାଇଥିଲେ। ତେବେ ଚାଳକ ଦ୍ୱୟ ପୁଲିସକୁ କହିଥିଲେ ଯେ ଗାଡ଼ି ମାଲିକଙ୍କ ବାଧ୍ୟତାମୂଳକ ଆଦେଶ ଯୋଗୁଁ ଆମେ ସମୟ ପୂର୍ବରୁ ଗାଡ଼ି ଆଣୁଛୁ। ମାଲିକ ପୁଲିସ ସହ କଥାବାର୍ତ୍ତା କରିଛନ୍ତି। ଆମ ଗାଡ଼ିକୁ କେହି ରାସ୍ତାରେ ଅଟକାଇ ପାରିବେ ନାହିଁ। ଚାଲାଣ କଟିଲେ ଆମେ ଭରିବୁ। ମାତ୍ର ଆମର ଟ୍ରିପ ଦରକାର ବୋଲି ପୁଲିସକୁ ଗାଡ଼ି ଚାଳକ କହିଥିଲେ। ଏତିକିବେଳେ ସେହି ସ୍ଥାନରେ ପଛକୁ ପଛ ୮/୧୦ ଟି ହାଇୱା ଗାଡ଼ି ରାସ୍ତାରେ ଯାଉଥିବା ଦେଖିବାକୁ ମିଳିଥିଲା।

# ଉପ-ନଗରପାଳଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ



ତାଳଚେର,୮ ।୫(ସମିସ): ତାଳଚେର ପୌରପରିଷଦ ଉପନଗରପାଳ ଶୁଭଶ୍ରୀ ସୁସ୍ମିତା ପ୍ରଧାନ କାର୍ଯ୍ୟ କରିବାକୁ ଅସମର୍ଥ। ଦୀର୍ଘଦିନ ହେବ ସେ କାଉନସିଲ ବୈଠକରେ ଅନୁପସ୍ଥିତ ରହୁଛନ୍ତି। ଏଣୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି କାଉନସିଲରମାନେ। ଆସିଫ ଖାନ, ଯଶୋବନ୍ତ ମିଶ୍ର, ଲିପିକା ବେହେରା, ଜିତେନ୍ଦ୍ର ଭୂତିଆ, ସନ୍ତୋଷ ବେହେରା, ମମତା ରାଉତ, ଅଜିତ ସାହୁ, ନିରୁପମା ପଟ୍ଟନାୟକ, ସଞ୍ଜୀବ ଗଡ଼ନାୟକ, ବଲବିନ୍ଦର କୌର, ସରିତା ପାଳ, ସ୍ୱାଧୀନ ଥମ୍ବ, ଲୀନା ସାହୁ, ଶାନ୍ତନୁ ମିଶ୍ର, ଅନିତା ବିଶ୍ୱାଳ ପ୍ରମୁଖ ବିଜେପିର ୧୬ଜଣ କାଉନସିଲର ଶୁକ୍ରବାର ଅନୁଗୋଳ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏଡିଏମଙ୍କୁ ଏ ସମ୍ପର୍କରେ ଲିଖିତ ଭାବେ ଜଣାଇଛନ୍ତି।

ସୂଚନାଯୋଗ୍ୟ, ୨୧ ୱାର୍ଡକୁ ନେଇ ତାଳଚେର ପୌରପରିଷଦ ଗଠନ କରାଯାଇଥିବା ବେଳେ ନଗରପାଳଙ୍କ ସମେତ ବହୁ କାଉନସିଲର ବିଜେପିରେ ଯୋଗଦେବା ପରେ ବିଜେଡିର ମାତ୍ର ୫ଜଣ କାଉନସିଲର ଅଛନ୍ତି। ତେଣୁ ଆଗାମୀ ଦିନରେ ତାଳଚେର ପୌରପରିଷଦ ରାଜନୀତି କ'ଣ ହେଉଛି ତାହାକୁ ସମସ୍ତେ ଚାହିଁ ରହିଛନ୍ତି।

# ବ୍ରିଜ ତଳକୁ ଖସିଲା ବାଇକ, ଜଣେ ମୃତ

ବଇଣ୍ଡା,୮ ।୫(ସମିସ): ବଇଣ୍ଡା-ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର କିଶୋରନଗର ବ୍ଲକ ବଇଣ୍ଡା ରେଳ ଓଭର ବ୍ରିଜ ତଳକୁ ଶୁକ୍ରବାର ଏକ ବାଇକ ଭାରସାମ୍ୟ ହରାଇ ଖସିପଡ଼ିଛି। ଏହି ଦୁର୍ଘଟଣାରେ ଅନୁଗୋଳ ବ୍ଲକ ପଞ୍ଚମହଲା ଅଞ୍ଚଳର ନୀର ପ୍ରଧାନଙ୍କ ମୃତ୍ୟୁ ହୋଇଛି। ନୀର ବାଇକ ଯୋଗେ ଆଠମଲ୍ଲିକରୁ ଅନୁଗୋଳ ଅଭିମୁଖେ ଆସୁଥିବା ବେଳେ ବ୍ରିଜ ବାଡ଼ରେ ଧକ୍କା ହୋଇ ତଳକୁ ଖସି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ବଇଣ୍ଡା ଫାଣ୍ଡି ପୁଲିସ ବାଇକ ଜବତ କରି ଏକ ମାମଲା ରୁଜୁ କରିଛି।



# କୋଟିଏ ଟଙ୍କା ଠକେଇ, ଯବାନ ଗିରଫ

ଛେଣ୍ଡିପଦା,୮ ।୫(ସମିସ): ଚାକିରି କରାଇଦେବାକୁ କହି କୋଟିଏ ଟଙ୍କା ଠକେଇ ଅଭିଯୋଗରେ ଛେଣ୍ଡିପଦା ଥାନା ପୁଲିସ ଜଣେ ସେନା ଯବାନଙ୍କୁ ଗିରଫ କରିଛି। ଗିରଫ ଯବାନ ହେଲେ ଛେଣ୍ଡିପଦା ଥାନା ସନ୍ତରାବନ୍ଧ ଗାଁର ସଞ୍ଜୀବ କୁମାର ସାହୁ। ସଞ୍ଜୀବ ଭାରତୀୟ ସେନାରେ ହାବିଲଦାର ଭାବେ କାମ କରୁଛନ୍ତି। କିନ୍ତୁ ଗାଁକୁ ଆସି ଚାକିରି କରାଇଦେବା ନାଁରେ ବିଭିନ୍ନ ଲୋକଙ୍କଠାରୁ ସେ ପ୍ରାୟ କୋଟିଏ ଟଙ୍କା ନେଇଥିଲେ। ଗାଁର ସୁନୀଲ କୁମାର ଗଡ଼ତିଆଙ୍କଠାରୁ ତାଙ୍କ ପୁଅର ଚାକିରି କରାଇ ଦେବାକୁ କହି ୮ ଲକ୍ଷ ୨୦ ହଜାର ଟଙ୍କା ନେଇଥିଲେ। ତେବେ ବର୍ଷ ପରେ ବର୍ଷ ଗଡ଼ି ଚାଲିଥିଲେ ମଧ୍ୟ ସଞ୍ଜୀବ ନା ଚାକିରି ଦେଲେ ନା ଟଙ୍କା ଫେରସ୍ତ କଲେ। ଠକେଇର ଶିକାର ହୋଇଥିବା ଜାଣି ସମସ୍ତେ ମିଶି ଛେଣ୍ଡିପଦା ଥାନାରେ ଅଭିଯୋଗ କରିଥିଲେ। ଶୁକ୍ରବାର ପୁଲିସ ସଞ୍ଜୀବଙ୍କୁ ତାଳଚେରରୁ ଗିରଫ କରିକୋର୍ଟ ଚାଲାଣ କରିଛି।



**ଚାକିରି କରାଇଦେବାକୁ କହି ଠକିଥିଲେ ଟଙ୍କା**

# ପୂର୍ବତନ ବିଧାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କଣିହାଁ,୮ ।୫(ସମିସ): ପୂର୍ବତନ ପାଲଲହଡ଼ା ବିଧାୟକ ତଥା ରାଜ୍ୟ ବିଜେଡି ସମ୍ପାଦକ ମୁକେଶ କୁମାର ପାଳ ଶୁକ୍ରବାର କାକୁଡ଼ିଆ ପଞ୍ଚାୟତ ଗସ୍ତ କରିଛନ୍ତି। ଏହି ଅବସରରେ କଣିହାଁ ବ୍ଲକ ବିଜେଡି ପକ୍ଷରୁ ତାଙ୍କୁ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ କଣିହାଁ ବ୍ଲକ ବିଜେଡି ସଭାପତି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରଶ୍ମିତା ସେଠୀ, କଣିହାଁ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ, ସୁବାସ ମହାନ୍ତି, ଜୟନ୍ତ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ବଇଣ୍ଡାରେ ଚନ୍ଦନ ଯାତ୍ରା

ବଇଣ୍ଡା,୮ ।୫(ସମିସ): କିଶୋରନଗର ବ୍ଲକ ବଇଣ୍ଡା ଗ୍ରାମରେ ଗୁରୁବାର ଉପଖଣ୍ଡର ପ୍ରସିଦ୍ଧ ବଇଣ୍ଡା ଚନ୍ଦନ ଯାତ୍ରା ପାଳିତ ହୋଇଛି। ସନ୍ଧ୍ୟାରେ ପ୍ରଭୁ ରାଧାକୃଷ୍ଣ ମନ୍ଦିରରୁ ପ୍ରଭୁ ରାଧାକୃଷ୍ଣଙ୍କୁ ବିମାନରେ ବସାଇ ଚନ୍ଦନ ପୋଖରୀକୁ ନିଆଯାଇଥିଲା। ସେଠାରେ ବିଭିନ୍ନ ନୀତିକାନ୍ତି ପରେ ଶୋଭାଯାତ୍ରାରେ ଯାତ୍ରା ପଡ଼ିଆକୁ ଅଣାଯାଇଥିଲା। ପୂଜକ ମଦନ ମୋହନ ମିଶ୍ର ପୂଜାର୍ଚ୍ଚନା କରିବା ପରେ ଶୋଭାଯାତ୍ରାରେ ଚନ୍ଦନ ନଗରରୁ ବଇଣ୍ଡା ପରିକ୍ରମା କରାଯାଇଥିଲା। ଯାତ୍ରା ପଡ଼ିଆରୁ ରାଧାକୃଷ୍ଣଙ୍କୁ ପୁଣି ଚନ୍ଦନ ପୋଖରୀକୁ ନିଆଯାଇଥିଲା। ସେଠାରେ ସୁସଜ୍ଜିତ ନୌକାରେ ଚାପଖେଳ ସହ ଆତସବାଜି ପ୍ରଦର୍ଶନ ହୋଇଥିଲା। ମନୋରଞ୍ଜନ ପାଇଁ ଟ୍ୟାକ୍ସି ଷ୍ଟାଣ୍ଡ ନିକଟରେ ଅପେରା ପରିବେଷଣ ବ୍ୟବସ୍ଥା କରାଯାଇଛି। ପୂରା ଗାଁକୁ ଆକର୍ଷଣୀୟ ଆଲୋକରେ ସଜ୍ଜିତ କରାଯାଇଥିଲା। ଯାତ୍ରାରେ ୪୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ମିନାବଜାର ସହ ବହୁ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ପସରା ମେଲାଇଥିଲେ। ହଣ୍ଡପା ଥାନା ଆଇଆଇସି ରାଜେଶ ଶତପଥୀ ଓ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏଙ୍କ ନେତୃତ୍ୱରେ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

# ବିଶ୍ୱ ରେଡକ୍ରସ୍ ଦିବସ ପାଳିତ

ଅନୁଗୋଳ,୮ ।୫(ସମିସ): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ମିନି କନଫରେନ୍ସ ହଲ୍‌ରେ ଜିଲ୍ଲା ରେଡକ୍ରସ୍ ଶାଖା ଆନୁକୂଲ୍ୟରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଛି। ଚଳିତ ବର୍ଷର ବାର୍ତ୍ତା ରହିଛି ‘ମାନବିକତା ପାଇଁ ଏକତା’। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇ ମାନବିକତା ଓ ସେବା ମନୋଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ମାନବିକ କଲ୍ୟାଣ ତଥା ସ୍ୱେଚ୍ଛାକୃତ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ପ୍ରଶଂସା ପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନା, ଜିଲ୍ଲା ପଞ୍ଚାୟତ ଅଧିକାରୀ ଚିନ୍ମୟୀ ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜୟଜିତ ଧଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟି ବୈଠକ
# ସ୍ୱାସ୍ଥ୍ୟସେବା ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନ ଚେତାବନୀ

ଅନୁଗୋଳ,୮ ।୫(ସମିସ)



ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ଦାବିରେ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରିଆସୁଥିବା ଅନୁଗୋଳ ଜିଲ୍ଲା ଜନଜୀବନ ସୁରକ୍ଷା କମିଟିର ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଶିକ୍ଷକପଡ଼ାସ୍ଥିତ ନବକୃଷ୍ଣ ଚୌଧୁରୀ ସ୍ମୃତି ପାଠାଗାରରେ ଅନୁଷ୍ଠିତ ହୋଇଛି। କମିଟି ଆବାହକ ପ୍ରମୋଦ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ କମିଟିର ସକ୍ରିୟ ସଭ୍ୟ ଅବସରପ୍ରାପ୍ତ ନାଲକୋ କର୍ମଚାରୀ ମୋହନ ଚରଣ ଦେହୁରୀଙ୍କ ବିୟୋଗରେ ଶୋକ ପ୍ରକାଶ ସହ ଏକ ମିନିଟ୍ ନିରବତା ପାଳନ କରାଯାଇଥିଲା। କମିଟିର ଅନ୍ୟତମ ଆବାହକ ଶିକ୍ଷାବିତ୍ ଅଭିମନ୍ୟୁ ସ୍ୱାଇଁ, ବୁଦ୍ଧିଜୀବୀ ରମେଶ ସାହୁ, ବ୍ରଜବନ୍ଧୁ ସାହୁ, ନିରୋଦ ପାଳ, ତୀର୍ଥବାସୀ ଭୋଇ, ପଠାଣୀ ବାରିହା, ମାନସ ପାଳ, ଦାମୋଦର ଦାଶ, ତ୍ରେତାନନ୍ଦ ସାମନ୍ତ, ଅଶୋକ କୁମାର ପ୍ରଧାନ, ନବକିଶୋର ପ୍ରଧାନ, ପ୍ରଦୀପ କୁମାର ପ୍ରଧାନ, ହେମନ୍ତ କୁମାର ଦାସ, ରବୀନ୍ଦ୍ର କୁମାର ବେହେରା, ନିରୁପମା ପ୍ରଧାନ, ବବିତା ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ରହି ସର୍ବାଧିକ ରାଜସ୍ୱ ଦେଉଥିବା ଅନୁଗୋଳ ଜିଲ୍ଲାର ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିବାରେ ରାଜ୍ୟ ସରକାରଙ୍କ ଅବହେଳାକୁ ନେଇ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା କୁକୁଡ଼ା ଫାର୍ମକୁ ଅନ୍ୟତ୍ର ସ୍ଥାନାନ୍ତର କରି ଏହାର ସମସ୍ତ ଜାଗାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ହସ୍ତାନ୍ତର, ଜିଲ୍ଲା ମୁଖ୍ୟ ଚିକାଳୟରେ ଟ୍ରମା କେୟାର ସେଣ୍ଟର, ଆଇସିୟୁ, ବର୍ଣ୍ଣ ୟୁନିଟ୍ କାର୍ଯ୍ୟକ୍ଷମ ସହ ଇକୋ ମେସିନ୍ ପ୍ରତିଷ୍ଠା, ମେଡିକାଲର ଅର୍ଥୋ, ଇଏନ୍‌ଟି ସହ ବିଭିନ୍ନ ବିଭାଗରେ ସର୍ଜରୀ ବ୍ୟବସ୍ଥା କରିବା, ସପ୍ତାହକୁ ଥରେ ଆସୁଥିବା ବିଶେଷଜ୍ଞ ଡାକ୍ତରଙ୍କୁ ନିୟମିତ ଭାବେ ନିଯୁକ୍ତି ଦେଇ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇଦେବା, ବିଶେଷଜ୍ଞ ଡାକ୍ତରମାନେ ଲେଖୁଥିବା ଔଷଧ ରୋଗୀଙ୍କୁ ମାଗଣାରେ ଯୋଗାଇଦେବା, ଚିକିତ୍ସାଳୟର ଦନ୍ତ ବିଭାଗରେ ଆବଶ୍ୟକ ଉପକରଣ ଯୋଗାଇ ଦନ୍ତ ଚିକିତ୍ସାର ସୁବ୍ୟବସ୍ଥା କରିବା, ଜିଲ୍ଲାର ସମସ୍ତ ଉପଖଣ୍ଡ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର, ନର୍ସ, କର୍ମଚାରୀ ପଦବୀ ପୂରଣ, ଚିକିତ୍ସାଳୟ ସମ୍ମୁଖରେ ଥିବା ଆମିଷ ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର, ଚିକିତ୍ସାଳୟରେ ଧାଡ଼ି ଯନ୍ତ୍ରଣାରୁ ମୁକ୍ତି ପାଇଁ ଅନଲାଇନ୍ ଟିକେଟ୍ ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ଚିକିତ୍ସାଳୟରେ ସରକାରୀ ନର୍ସିଂ କଲେଜ ପ୍ରତିଷ୍ଠା ଆଦି ଦାବି ସମ୍ପର୍କରେ ବୈଠକରେ ବିଷଦ ଆଲୋଚନା ହୋଇଥିଲା। ଏ ସମସ୍ତ ଦାବି ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ଅଫିସ୍ ସମ୍ମୁଖରେ ଆନ୍ଦୋଳନ କରାଯିବା ପାଇଁ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଛି।



# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ବିଜେଡିର ରଣହୁଙ୍କାର




ଢେଙ୍କାନାଳ, ୮ ।୫(ସମିସ)

ଭାପୁର ଅଞ୍ଚଳରେ ଜଣେ ମହିଳା ଦୁଷ୍କର୍ମ ଓ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ବେଳେ ତାଙ୍କୁ ନ୍ୟାୟ ଦାବିରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲଙ୍କ ନେତୃତରେ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରିଛି। ଗଣେଶ ବଜାରଠାରୁ ଶତାଧିକ ମହିଳାଙ୍କ ସହ ବିଜେଡି ନେତୃବୃନ୍ଦ ବିଶାଳ ଶୋଭାଯାତ୍ରାରେ ଯାଇ ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରା ବେଳେ ବିଜେପି ସରକାର ବିରୋଧରେ ବିଭିନ୍ନ ନାରାବାଜି ଦେବା ସହ ପୀଡ଼ିତାଙ୍କୁ ନ୍ୟାୟ ଓ ଅପରାଧୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ସେହିପରି ଭାପୁର ଫାଣ୍ଡି ଅଧିକରୀଙ୍କୁ ବହିଷ୍କାର କରିବାକୁ ଦାବି କରିଥିଲେ। ପୂର୍ବତନ ବିଧାୟକ ସାମଲଙ୍କ ସହ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଡ. ଅବିନାଶ ସାମଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଉପନଗରପାଳ ପ୍ରକାଶ ଚନ୍ଦ୍ର କୁଅଁର, ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, ସନ୍ଦିପ ଷଡଙ୍ଗୀ, ଜିଲ୍ଲା ବିଜେଡି ମହିଳା ସଭାପତି ସାଗରୀକା ମିଶ୍ର, ବିଜେଡି ଜିଲ୍ଲା ମହିଳା କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଛାତ୍ର ବିଜେଡି ସଭାପତି ଆର୍ଯ୍ୟନ ଦାସ, ପୂର୍ବତନ ଭୁବନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣୀ ନାୟକ, କାଉନସିଲର ଲିପିକା ଦାସ, ଉର୍ବଶୀ ମହାପାତ୍ରଙ୍କ ସହ ପୀଡ଼ିତାଙ୍କ ମା' ଓ ବହୁ ବିଜେଡି କର୍ମୀ ଏସପିଙ୍କୁ ଭେଟି ଆଲୋଚନା କରିଥିଲେ। ପୁଲିସ ଅପରାଧୀ ସମ୍ପର୍କରେ ସୁରାକ ପାଇଛି, ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ଏସପି ଅଭିନବ ସୋନକର କହିଥିଲେ। ପରେ ଏ ନେଇ ଦଳ ତରଫରୁ ଏସପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ବିଜେଡି ଉପସଭାପତି ଦେବାଶିଷ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଉପସଭାପତି ଅଜୟ କୁମାର ଭଞ୍ଜ, ଜିଲ୍ଲା ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା, ଟାଉନ ସଭାପତି ବିନୋଦ କୁମାର ମହାନ୍ତି, ଯୁବନେତା ଶ୍ରୀକାନ୍ତ ଧଳ, ଜିଲ୍ଲା ସାଧରଣ ସମ୍ପାଦକ ଶୁଭ ପଣ୍ଡା, ପୂର୍ବତନ ଛାତ୍ର ସଭାପତି ସୂରଜ ମହାପାତ୍ର, କାଉନସିଲର ସାଗିର ମହମ୍ମଦ, ଜିଲ୍ଲାପରିଷଦ ସଦସ୍ୟ ଅଶୋକ କୁମାର ପରିଡ଼ା, ରଞ୍ଜନ ନାୟକ, ସୋସିଆଲ ମିଡିଆ ସଂଯୋଜକ ଗଙ୍ଗାଧର ରାଉତ, ମାନସ ମହାରଣା, ଯୁବ ବିଜେଡି ନଗର ସଭାପତି ବ୍ରହ୍ମାନନ୍ଦ ସାହୁ, ମହିଳା ବିଜେଡି ନଗର ସଭାପତି ଶ୍ରଦ୍ଧାଞ୍ଜଳି ସାହୁ, ଓମପ୍ରକାଶ ନାୟକ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସାମିଲ ଥିଲେ।

# ଦୁଷ୍କର୍ମ ଅଭିଯୁକ୍ତକୁ ତୁରନ୍ତ ଗିରଫ ଦାବି



ଢେଙ୍କାନାଳ, ୮ ।୫(ସମିସ): ସଦର ଥାନା ଭାପୁର ଗ୍ରାମର ଜଣେ ଦଳିତ ମହିଳାଙ୍କୁ ଦୁଷ୍କର୍ମ କରାଯିବା ସହ ହତ୍ୟା ଉଦ୍ୟମ କରାଯାଇଥିଲା। ତେବେ ଇତିମଧ୍ୟରେ ୧୧ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ, ଜିଲ୍ଲାରେ ମହିଳା ସୁରକ୍ଷା, ଭାପୁର ଫାଣ୍ଡିକୁ ଥାନାରେ ପରିଣତ

## ପୁଲିସ ମହାନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର

କରିବା ଦାବି ନେଇ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ପୁଲିସ ମହାନିର୍ଦ୍ଦେଶକଙ୍କୁ ଏସ୍‌ପିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ଗାନ୍ଧୀପାର୍କଠାରେ ପ୍ରତୀକାତ୍ମକ ଧାରଣା ଦେବା ସହ କର୍ମୀମାନେ ପଦଯାତ୍ରାରେ ଯାଇ ଏସ୍‌ପିଙ୍କୁ ଭେଟିଥିଲେ। ତୁରନ୍ତ ଗିରଫ ନ କଲେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି।

ଅନୁରୂପ ଭାବେ ଭାପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କୁ ବହୁ ବିଳମ୍ବରେ ଗିରଫ କରିଥିଲା। ଏପରି ଅନେକ ନଜିର ରହିଛି। ଭାପୁର ଫାଣ୍ଡି ଅଧୀନରେ ବାରମ୍ବାର ଘଟୁଥିବା ଏପରି ଅପରାଧ ପୁଲିସର ଅପାରଗତାକୁ ପଦାରେ ପକାଇଛି। ଲୋକମାନେ ପୁଲିସ ଉପରୁ ଆସ୍ଥା ହରାଇ ବସୁଛନ୍ତି। ପୂର୍ବରୁ ଆପ ତରଫରୁ ଏହି ଫାଣ୍ଡିକୁ ଥାନାରେ ପରିଣତ କରିବା ପାଇଁ ଦାବିପତ୍ର ଦିଆଯାଇଥିଲା। ଦେଢ଼ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଥାନା ହୋଇପାରିଲା ନାହିଁ। ତୁରନ୍ତ ଏହି ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ଦାବି କରାଯାଇଛି। ଦଳର ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରାଙ୍କ ସହ ଜିଲ୍ଲା ସାଧାରଣ ସମ୍ପାଦକ ଅନିଲ ସାମଲ, କୋଷାଧ୍ୟକ୍ଷ କବିଜ୍ୟୋତି ନିରଞ୍ଜନ ପତି, ଚିତ୍ତରଞ୍ଜନ ପାଣି, ଦେବାଶିଷ, ନନ୍ଦ, ବିଜୟ ଦାସ, ନିରଦ ଚନ୍ଦ୍ର ବାରକ, ବିଭୁରଞ୍ଜନ ସାହୁ, ଜୟନ୍ତ ଦାସ, ସୁକାନ୍ତି ରାଉତ, ଯୁଧିଷ୍ଠିର ଦାସ, ପ୍ରସନ୍ନ ବରାଳ, କବି ନାଏକ ପ୍ରମୁଖ ଏସ୍‌ପିଙ୍କି ଭେଟି ଦାବିପତ୍ର ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀଙ୍କୁ ଭେଟି ପୀଡ଼ିତାଙ୍କ ୬ ମାସର ସନ୍ତାନର ଖାଦ୍ୟସୁରକ୍ଷା ପାଇଁ ଦାବି କରିଛନ୍ତି।

# ୯ ଗୋରୁ ଉଦ୍ଧାର, ପିକ୍‌ଅପ୍ ଜବତ; ଜଣେ ଗିରଫ



**ହିନ୍ଦୋଳ/ଖଜୁରିଆକଟା, ୮ ।୫(ସମିସ):** ଶୁକ୍ରବାର ଭୋର୍ ୪ଟାରେ ଚଢ଼ଉ କରି ଏକ ପିକ୍‌ଅପ୍ ଭ୍ୟାନ୍‌ରେ ବେଆଇନ ଭାବେ ଚାଲାଣ ହେଉଥିବା ୯ ଗୋରୁ ଉଦ୍ଧାର କରିବା ସହ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଆନ୍ତଃରାଜ୍ୟ ମାଫିଆ ହିନ୍ଦୋଳ ଉପଖଣ୍ଡ ଦେଇ ଗୋରୁ ଚାଲାଣ କରୁଥିବା ଖବରପାଇ ପୁଲିସ ବାହାଲୁଣ୍ଡା ନିକଟରେ ଅତର୍କିତ ଚଢ଼ଉ କରିଥିଲା। ସେଠାରୁ କୁଖ୍ୟାତ ଗୋମାଫିଆ କଟକ ଜିଲ୍ଲା ନରସିଂହପୁର ଥାନା ବୀରସିଂପୁର ଅଞ୍ଚଳର ସନ୍ତୋଷ ସିଂ ଓରଫ ମିଥୁନକୁ ପୁଲିସ ଗିରଫ କରିଛି। ମାତ୍ର ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଚଢ଼ଉରେ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ ଓ ସମସ୍ତ ଏସଆଇ ଓ କର୍ମଚାରୀ ସାମିଲ ହୋଇଥିଲେ। ଏ ନେଇ ଥାନାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଆଗକୁ ଏପରି ଚଢ଼ଉ ଜୋରଦାର ହେବ ବୋଲି ପୁଲିସ କହିଛି।

# ଗଁଦିଆରେ ବିଜେପିର ମିଶ୍ରଣ ପର୍ବ

**ଗଁଦିଆ, ୮ ।୫(ସମିସ):** ବିଜେପିର ବିଚାରଧାରାରେ ଅନୁପ୍ରାଣିତ ହୋଇ ଶୁକ୍ରବାର ଗଁଦିଆ ଏନ୍‌ଏସି, ବିଧାରପୁର, ବେଗା, ଲାଉଲଇ, ନିହଲପ୍ରସାଦ ପଞ୍ଚାୟତର ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ୱାର୍ଡସଭ୍ୟଙ୍କ ସମେତ ବହୁ କର୍ମୀ ଅନ୍ୟ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଗଁଦିଆରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତରେ ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ସଙ୍କଳ୍ପରୁ ସିଦ୍ଧି କାରଣରୁ ସମସ୍ତେ ଆଜି ବିଜେପିରେ ଯୋଗ ଦେଉଛନ୍ତି ବୋଲି ସେ କହିଥିଲେ। ଲୋକଙ୍କ ମୌଳିକ ସମସ୍ୟା ସମାଧାନ କରି ରାଜ୍ୟ ଓ ଦେଶକୁ ବିକଶିତ କରିବାକୁ ସମସ୍ତେ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମାଜସେବୀ କମଳକାନ୍ତ ସେଠୀ, ପୂର୍ବତନ ସରପଞ୍ଚ ପ୍ରଭାକର ବେହେରା, ପୂର୍ବତନ ନାଏବ ସରପଞ୍ଚ କୃଷ୍ଣଚନ୍ଦ୍ର ଭୂତିଆ, ବନ୍ଦିତା ସେଠୀ, ସଞ୍ଜୀବ ଦାସ, ରତିକାନ୍ତ ସାହୁ, ଅବସରପ୍ରାପ୍ତ କର୍ମଚାରୀ ଜଗମୋହନ ଦାସ, ଲାଉଲଇ ସରପଞ୍ଚ ବିଜୟଲକ୍ଷ୍ମୀ ରାଉତ, ବିଧାରପୁର ସମିତି ସଭ୍ୟଙ୍କ ସମେତ ବହୁ ଜନପ୍ରତିନିଧି ବିଜେପିରେ ଯୋଗଦେଇଛନ୍ତି। ମନ୍ତ୍ରୀ ପାତ୍ର ସମସ୍ତଙ୍କୁ ଉତ୍ତରୀୟ ପ୍ରଦାନ କରିବା ସହ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।



# ପରଜଙ୍ଗ ଥାନା ପରିସରରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ



ପରଜଙ୍ଗ, ୮ ।୫(ସମିସ): ପରଜଙ୍ଗ ଥାନା ପରିସରରେ ଜୁଭେଣ୍ଟିକା କାଯର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଏସଆଇ ସୁଶ୍ରୀ ଅନାମିକା ଏବଂ ପରଜଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପୁଲିସ ବିଭାଗର କାର୍ଯ୍ୟଶୈଳୀ, ସାଇବର ଅପରାଧ, ଟ୍ରାଫିକ୍ ନିୟମ ଓ ନିଶା ନିବାରଣ ଉପରେ ସଚେତନ କରାଯାଇଥିଲା। ବିଶେଷ କରି ସାଇବର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଏବଂ ଅଜଣା ଲୋକଙ୍କ ସହିତ ସୂଚନା ବାଣ୍ଟିବା କେତେ ବିପଦପୂର୍ଣ୍ଣ ତାହା ବୁଝାଯାଇଥିଲା। ଟ୍ରାଫିକ୍ ନିୟମ ପାଳନ କରିବା ଦ୍ୱାରା ଦୁର୍ଘଟଣାକୁ ଏଡ଼ାଇ ହେବ ବୋଲି ମଧ୍ୟ କୁହାଯାଇଥିଲା। ନିଶା ଦ୍ରବ୍ୟ ସେବନ ଯୁବ ପିଢ଼ି ପାଇଁ କେତେ କ୍ଷତିକାରକ ତାହା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କୁ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ପ୍ରେରିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା ଓ ବିଜେତା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୁବପିଢ଼ିଙ୍କୁ ସମାଜର ଦାୟିତ୍ୱସମ୍ପନ୍ନ ନାଗରିକ ଭାବେ ଗଢ଼ି ତୋଳିବା ଏବଂ ସେମାନଙ୍କ ମଧ୍ୟରେ ଆଇନ ପ୍ରତି ସଚେତନତା ସୃଷ୍ଟି କରିବା। ପୁଲିସ ଓ ସାଧାରଣ ଜନତା ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି ଅଧିକାରୀମାନେ ଆଶା ପ୍ରକାଶ କରିଥିଲେ।

# ସାଇବର ଅପରାଧ ସମ୍ପର୍କିତ ସଚେତନତା




**ଢେଙ୍କାନାଳ, ୮ ।୫(ସମିସ):** ଢେଙ୍କାନାଳ ଜିଲ୍ଲାର କଣ୍ଟାବଣିଆ ଥାନା ପରିସରରେ ସାଇବର ଅପରାଧକୁ ରୋକିବା ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମକୁ କଣ୍ଟାବଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ନିରୋଦ କୁମାର ମଲ୍ଲିକ ପରିଚାଳନା କରିଥିଲେ। ସମ୍ମାନିତ ଅତିଥିଭାବରେ ଜିଏମଆର ଭାରଲକ୍ଷ୍ମୀର ଅଧିକାରୀ ସୁଧାଂଶୁ ସାହୁ ଉପସ୍ଥିତ ରହି ଆଜିର କମ୍ପ୍ୟୁଟର ଓ ମୋବାଇଲ ଯୁଗରେ ଘଟୁଥିବା ସାଇବର ଅପରାଧ ଗୁଡିକ କିଭଳି ରୋକା ଯାଇପାରିବ, ସେ ସମ୍ବନ୍ଧରେ ଉପସ୍ଥିତ ନାବାଳକ ଯୁବକଯୁବତୀ ମାନଙ୍କୁ ବୁଝାଇଥିଲେ। କଣ୍ଟାବଣିଆ ଥାନାର ବିଭିନ୍ନ ଗ୍ରାମରୁ ୧୮ ବର୍ଷରୁ କମ ଯୁବପିଢ଼ି ଯୋଗଦାନ କରିଥିଲେ। କଣ୍ଟାବଣିଆ ଅଙ୍ଗନବାଡି କର୍ମୀ ଗୀତାଞ୍ଜଳି ସାହୁ, ମାନପୁର ଅଙ୍ଗନାୱାଡି କର୍ମୀ ବନିତା ଦାସ, ସରପା ଅଙ୍ଗନାୱାଡିକର୍ମୀ ମଞ୍ଜୁ ଭୁତିଆ, ରଘୁନାଥ ପୁର ଅଙ୍ଗନାୱାଡି କର୍ମୀ ପୁଷ୍ପଲତା ସାହୁ ଓ ନୂଆ ଗାଁ ଅଙ୍ଗନାୱାଡି କର୍ମୀ ନମିତା ଦେହୁରୀଙ୍କ ସମେତ ଥାନାର ସିଡବ୍ଲ୍ୟୁପି ଓ ସରୋଜିନୀ ମହାନ୍ତି ଓ ସମସ୍ତ ସହକର୍ମୀ ଯୋଗ ଦେଇଥିଲେ। ଭିଡିଓ ମାଧ୍ୟମରେ ସାଇବର ଅପରାଧ ଘଟୁଥିବା କାରଣ ଗୁଡିକ ଦେଖା ଯାଇଥିଲା। ସୋସିଆଲ ମିଡିଆ, ଅନଲାଇନ ମାର୍କେଟିଂ, ମୋବଇଲ ଗେମ, ଅର୍ଥ କାରବାର, ଇଣ୍ଟରନେଟ ବ୍ୟବହାର ଆଦି ସମୟରେ ଘଟୁଥିବା ଅପରାଧ ରୋକିବା ଏହି ପ୍ରୟାସର ଉଦ୍ଦେଶ୍ୟ ବୋଲି ଭାରପ୍ରାପ୍ତ ଅଧିକାରୀ କହିଥିଲେ।

# ବିଶ୍ୱ ରେଡକ୍ରସ ଦିବସ ପାଳିତ




**ଢେଙ୍କାନାଳ, ୮ ।୫(ସମିସ):** ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ ରକ୍ତଭଣ୍ଡାର ପରିସରରେ ଭାରତୀୟ ରେଡକ୍ରସ ସୋସାଇଟି, ଶାଖା ଓ ରେଡକ୍ରସ ରାପିଡ ରେସ୍ପନ୍ସ ଗ୍ରୁପ୍ ପକ୍ଷରୁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଗମ୍ଭୀର ଓ ସେବାମୟ ପରିବେଶରେ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ରେଡକ୍ରସ୍ ସୋସାଇଟି, ଶାଖାର ଉପାଧ୍ୟକ୍ଷ ରୋଟାରିୟାନ ରାଜ କିଶୋର ବେହେରା ସମସ୍ତ ସଦସ୍ୟ, ସ୍ୱେଚ୍ଛାସେବୀ ଓ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସେ ରେଡକ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟ୍ ଜୀବନୀ, ରେଡକ୍ରସ୍ ଓ ରେଡକ୍ରିସେଣ୍ଟ୍ ସଙ୍ଗଠନର ଗଠନ ଏବଂ ମାନବ ସେବାରେ ଏହାର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବର୍ଷର ବିଷୟବସ୍ତୁ ୟୁନାଇଟେଡ ଇନ ହ୍ୟୁମାନିଟି ଅର୍ଥାତ୍ ମାନବିକତାରେ ଏକତାକୁ ଆଧାର କରି ସେବା, ସହଯୋଗ ଓ ମାନବିକତାର ବାର୍ତ୍ତା ପ୍ରଚାର କରିବାକୁ ସଦସ୍ୟମାନଙ୍କୁ ଆହ୍ୱାନ କରାଯାଇଥିଲା। ଏହି ଅବସରରେ ଶିବ ପ୍ରସାଦ ପଣ୍ଡା ଓ ଚିନ୍ମୟ ଜେନାଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିରରେ ୧୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ପରେ ରେଡକ୍ରସ ଲାଇଫ ମେମ୍ବରମାନଙ୍କ ଦ୍ୱାରା କେକ୍ କାଟି ବିଶ୍ୱ ରେଡକ୍ରସ ଦିବସ ପାଳନ କରାଯାଇଥିଲା। ପରମାନନ୍ଦ ପଣ୍ଡା, କାଦମ୍ବରୀ ମହାଖୁଡ଼, ରଶ୍ମିତା ରଥ, ସ୍ୱପ୍ନା ଜେମ୍ସ, ରାମେଶ୍ୱର ମାଇତୀ, ସୁଜିତ ନନ୍ଦ, ନାରାୟଣ ପୋଦାର, ଚିନ୍ମୟ ଜେନା ଓ ଦୀପୁନା ପ୍ରଧାନ ପ୍ରମୁଖ ସକ୍ରିୟ ଭାବେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ ଯେ, ମାନବ ସେବା ହିଁ ସର୍ବୋତ୍କୃଷ୍ଟ ସେବା ଏହି ମହାନ ବାର୍ତ୍ତାକୁ ନେଇ ରେଡକ୍ରସ ସମାଜର ପ୍ରତ୍ୟେକ ଦୁଃଖ, ବିପଦ ଓ ସଙ୍କଟ ସମୟରେ ଆଶାର ଆଲୋକ ସ୍ୱରୂପ ସଦା ସର୍ବଦା ମାନବତାର ସେବାରେ ନିୟୋଜିତ ରହିଆସିଛି। ଶେଷରେ କାଦମ୍ବରୀ ମହାଖୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଭୂତି ହେଲେ ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି



**ଗଁଦିଆ, ୮ ।୫(ସମିସ):** ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ରଙ୍କ ସୁପାରିଶ କ୍ରମେ ଢେଙ୍କାନାଳ ଜିଲ୍ଲା ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ବିଭୁତି ଭୂଷଣ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ବିଭୁତି ଭୁଷଣ ମହାନ୍ତି ଜିଲ୍ଲାର ଜଣେ ଯୁବ ସମାଜସେବୀ ଭାବେ ପରିଚିତ। ସେ ଗଁଦିଆ ବ୍ଲକର ଲେଥକା ପଞ୍ଚାୟତର ଓରନ୍ଦା ଗାଁର ଅଧିବାସୀ। ଅଖିଳ ଭାରତ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ରିହାନା ରାଜୁ ଓ ଖୁସି ଟିଗା ତାଙ୍କର ନବନିଯୁକ୍ତି ପାଇଁ ଶ୍ରୀ ମହାନ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଜନନାୟକ ରାହୁଲ ଗାନ୍ଧୀଜୀ, ଅଖିଳ ଭାରତ କଂଗ୍ରେସ କମିଟିର ସମ୍ପାଦକ ତଥା ଯୁବ କଂଗ୍ରେସ ପ୍ରଭାରୀ ମନିଷ ଶର୍ମା, ଅଖିଳ ଭାରତ ଯୁବ କଂଗ୍ରେସର ସଭାପତି ଉଦୟ ଭାନୁ ଚିବଜୀ, ପିସିସି ସଭାପତି ଭକ୍ତ ଚରଣ ଦାସ ଏବଂ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲାଲୁଙ୍କୁ ମଧ୍ୟ ଶ୍ରୀ ମହାନ୍ତି କୃତଜ୍ଞତା ଜ୍ଞାପନ କରିଛନ୍ତି। ଗଁଦିଆ ବ୍ଲକ କଂଗ୍ରେସ କମିଟି ସଭାପତି ଡ. ବନମାଳି ଦାସ ଏବଂ ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନଙ୍କ ପକ୍ଷରୁ ସାଙ୍ଗଠନିକ କ୍ଷେତ୍ରରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାପାଇଁ ଯେଉଁ ପ୍ରେରଣା ସେଥିପାଇଁ ସେ ମଧ୍ୟ କୃତଜ୍ଞ ବୋଲି କହିଛନ୍ତି।

# ଆଇଆଇଏମ୍‌ସି ଛାତ୍ରଛାତ୍ରୀଙ୍କୁ ପରିବହନ କମିଶନରଙ୍କ ସମ୍ବର୍ଦ୍ଧନା



**ଢେଙ୍କାନାଳ, ୮ ।୫(ସମିସ):** ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନର ଛାତ୍ରଛାତ୍ରୀ ମାନେ ପରିବହନ ଆୟୁକ୍ତ ଅମିତାଭ ଠାକୁର ଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱ ପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। ଜାତୀୟ ସଡକ ସୁରକ୍ଷା ମାସ ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କାରି ସମ୍ମାନିତ କରାଯାଇଥିଲା। ପରିବହନ ଆୟୁକ୍ତ ଛାତ୍ର ଛାତ୍ରୀଙ୍କୁ ଜଣେ ଜଣେ ଦାୟିତ୍ୱବାନ ଗାଡି ଚାଳକ ହେବା ସହ ସଡକ ସୁରକ୍ଷା ନିୟମ ପାଳନ କରିବାକୁ ପରାମର୍ଶ ଦେଇଥିଲେ। ଛାତ୍ରଛାତ୍ରୀଙ୍କୁ କହିଥିଲେ ଯେ ସେ ଆଇଆଇଏମସିକୁ ପରିଦର୍ଶନରେ ଆସିବେ। ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଇଆଇଏମସିର ଇଂରାଜୀ ପାଠ୍ୟକ୍ରମର ସହଯୋଗୀ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ୍‌ଙ୍କ ସହଯୋଗରେ ୩ଟି ପାଠ୍ୟକ୍ରମର ଛାତ୍ରଛାତ୍ରୀ ଯାଇଥିଲେ। ଏହି ସାକ୍ଷାତକାର ସମୟରେ ବିଭାଗର ଅନ୍ୟ ବରିଷ୍ଠ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# କୁଣ୍ଡେଶ୍ୱର ମନ୍ଦିର ରାସ୍ତା ମରଣଯନ୍ତା

ଖଜୁରିଆକଟା, ୮ ।୫(ସମିସ)

ଢେଙ୍କାନାଳଜିଲ୍ଲାର ହିନ୍ଦୋଳ ଉପଖଣ୍ଡ ସଞ୍ଚପଡ଼ା ପଞ୍ଚାୟତ ଓ ପାଟଲା ପଞ୍ଚାୟତକୁ ସଂଯୋଗ କରୁଥିବା ବାଙ୍କିଡି ରକଲା ଐତିହାସିକ କୁଣ୍ଡେଶ୍ୱର୍ ମହାଦେବଙ୍କ ମନ୍ଦିର ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ରାସ୍ତା ଦୀର୍ଘ ବର୍ଷ ଧରି ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି। ସେହି ରାସ୍ତା ଦେଇ ପ୍ରତିଦିନ ବହୁ ଭକ୍ତ ମହାଦେବଙ୍କୁ ଦର୍ଶନ କରିବାକୁ ଆସି ଥାଆନ୍ତି। ଭୋଟନେଇ ଜନସାଧାରଣଙ୍କୁ ବାରମ୍ବାର ଠକୁଥିବା ନିର୍ବାଚିତ ଜନପ୍ରତିନିଧିମାନେ ଭୋଟପାଇ ଆଖିବୁଜି ଦେଉଥିବାବେଳେ ସରକାର ତଥା ପ୍ରଶାସନ ମଧ୍ୟ ବୈମାତୃକ ମନୋଭାବ ରଖୁଛି। ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଥିବାରୁ ୨ ଚକିଆ ଓ ୪ ଚକିଆ ଯାନରେ ପାଟଲା ବାଙ୍କିଡି ଦିଗରୁ କୁଣ୍ଡେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ଯିବା ବେଳେ ଜନସାଧାରଣ ଭକ୍ତ ବହୁ ଅସୁବିଧା ଭୋଗୁଛନ୍ତି। ସମୟେ ସମୟେ ଅନ୍ୟ ଦିଗରୁ ଯାନଟିଏ ଆସିବା ବେଳେ ରାସ୍ତା ପାର୍ଶ୍ୱ ଛାଡ଼ିବା କଷ୍ଟକର ହୋଇ ପଡୁଛି। ବିଭାଗ ପକ୍ଷରୁ ବାଙ୍କିଡି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସରିଥିବା ବେଳେ ସେଠାରୁ କୁଣ୍ଡେଶ୍ୱରଙ୍କ ମନ୍ଦିର ପର୍ଯ୍ୟନ୍ତ ୪ କିମି ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ଘଟୁଛି। ସରକାରି ସ୍ତରରେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଗତ ବର୍ଷ ସେପ୍‌ଟେମ୍ବର ମାସରେ ବିଭଗୀୟ କନିଷ୍ଠ ଯନ୍ତ୍ରୀ ଅଟକଳ କରି ଟେଣ୍ଡର ପ୍ରକ୍ରିୟା ପାଇଁ ସମସ୍ତ କାର୍ଯ୍ୟ ସାରିଥିଲେ। ତେବେ ଶୁଣା ଗଲା କୁଆଡେ ନିକଟସ୍ଥ ଝାଡୁ ବେରେନି ଗ୍ରାମର କେତେକ ଜନ ସାଧାରଣ ନିଜ ଗ୍ରାମ୍ ପାର୍ଶ୍ୱ ଦେଇ ଏକ ବାଇପାସ୍ ରୋଡ ନିର୍ମାଣ କରେଇବେକୁ ଜିଦ୍ ଧରି ବସିଥିଲେ। ସେମାନଙ୍କ ଅଭିଯୋଗ ଫଳରେ ଟେଣ୍ଡର ପ୍ରକ୍ରିୟାରେ ବିଳମ୍ବ ଘଟିବା ସହିତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରିଲା ନାହିଁ। ଇତି ମଧ୍ୟରେ ବାଙ୍କିଡି, ପାନୁବେରେନି, ଝାଡୁ ବେରେଣି ଓ ରକଲା ଗ୍ରାମର ବହୁ ବୁଦ୍ଧିଜୀବୀ ଓ ଗ୍ରାମବାସୀଙ୍କୁ ଏକତ୍ର ବୈଠକକୁ ଡକାଇ କନିଷ୍ଠ ଯନ୍ତ୍ରୀ ସତ୍ୟପ୍ରକାଶ ସାମଲ ରାସ୍ତା ନିର୍ମାଣ ନେଇ ସମସ୍ତଙ୍କ ସହମତି ଭିତ୍ତିରେ ବାଙ୍କିଡି ଗ୍ରାମଠାରୁ ମନ୍ଦିର ପର୍ଯ୍ୟନ୍ତ କରାଇବାକୁ ସ୍ଥିରୀକୃତ ହେବା ପରେ ଟେଣ୍ଡର ପ୍ରକ୍ରିୟା ପୁନର୍ବାର ଆରମ୍ଭ ହୋଇଥିବା ନେଇ ଯନ୍ତ୍ରୀ ଶ୍ରୀ ସାମଲଙ୍କୁ ମତାମତ ଲୋଡିବାରେ ପ୍ରକାଶ କରିଛନ୍ତି। ଉକ୍ତ ରାସ୍ତା ନିର୍ମାଣ ହେଲେ ପାଟଲା ପଞ୍ଚାୟତ, କନ୍ତିମିଲି ପଞ୍ଚାୟତ, ନୂଆଁ ଗାଁ କଡଲା ଆଦି ପଞ୍ଚାୟତ ବାସୀଙ୍କ ସବୁ ଦିନିଆ ଦୁଃଖ ଦୂର ହେବ ବୋଲି ଆଶା କରାଯାଉଛି।



ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ଜଗତସିଂହପୁର ଗସ୍ତ

# ଉନ୍ନୟନ ମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ

ଜଗତସିଂହପୁର,୮।୫(ସମିସ)



ଆଜି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ସେ ବୃହତ୍ ପାନୀୟ ଜଳ ପ୍ରକଳ୍ପ (୧ ମେଗା ପ୍ରକଳ୍ପ), ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଓ ସେତୁବନ୍ଧ ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତ ୬୯୦ କୋଟି ବ୍ୟୟ ଅଟକଳରେ ୯୯ ପ୍ରକଳ୍ପର ଶିଳାନ୍ୟାସ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

ବାଲିକୁଦା, ଏରସମା ଓ ନାଉଗାଁ ବ୍ଲକର ୧୪୫ଟି ଗ୍ରାମ ପାଇଁ ୧୪୨ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବୃହତ୍ ପାନୀୟ ଜଳ ପ୍ରକଳ୍ପ (୧ ମେଗା ପ୍ରକଳ୍ପ) କୁ ମନ୍ତ୍ରୀ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୧୪୫ଟି ଗ୍ରାମର ୨୬,୭୫୯ ଗୋଟି ପରିବାରଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ୨୫ କୋଟି ୧୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୧୮ଟି ଏକକ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଉଦଘାଟନ କରିଥିଲେ। ଏହି ପ୍ରକଳ୍ପ ଦ୍ୱାରା ୩୩ ଗୋଟି ଗ୍ରାମର ୪୩୦୫ ପରିବାର ପାଇଁ ପାନୀୟ ଜଳ ଯୋଗାଣ କରାଯିବ। ଏଥିସହିତ ୧୯୮.୦୫ ଲକ୍ଷ ଟଙ୍କା ବ୍ୟୟ ଅଟକଳର ପାନୀୟ ଜଳ ପ୍ରକଳ୍ପ କୁଞ୍ଜକୋଠି, ୧୪୮.୬୪ ଲକ୍ଷ ଟଙ୍କା ବ୍ୟୟ ଅଟକଳର ପାନୀୟ ଜଳ ପ୍ରକଳ୍ପ ନୂଆରଦ୍ଧପୁର, ୧୩୩.୦୫ ଲକ୍ଷ ଟଙ୍କା ବ୍ୟୟ ଅଟକଳର ପାନୀୟ ଜଳ ପ୍ରକଳ୍ପ ବିସନପୁର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଙ୍କ ଦ୍ୱାରା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗର ୫୦୮୨.୭୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୧୨ ଗୋଟି ରାସ୍ତା ଓ ୫୪୫୮.୧୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୧ ଗୋଟି ସେତୁର ଉଦଘାଟନ ସହ ୩୭୮୦୯.୬୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୬୭ଟି ରାସ୍ତା, ୪୪୧୫.୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭ଟି ସେତୁ ଏବଂ ୨୩୧୫.୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨ଟି କୋଠାଘରର ଶୁଭ ଶିଳାନ୍ୟାସ ହୋଇଥିଲା।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବାଲିକୁଦା - ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ରମାକାନ୍ତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଜେ. ସୋନାଲ ଜିଲ୍ଲାର ସାମଗ୍ରିକ ଉନ୍ନତି ସମସ୍ତଙ୍କ ସହଭାଗିତାରେ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ ମୁଖ୍ୟ ଯନ୍ତ୍ରୀ କିଶୋର କୁମାର କବି, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ କୁମାର ପିଲ୍ଲେ ଏଥିରେ ଯୋଗଦେଇଥିଲେ। ଆର୍‌ଡବ୍ଲୁଏସ୍‌ଏସ୍ ଅଧୀକ୍ଷଣ ଯନ୍ତ୍ରୀ ଜ୍ୟୋତିରଞ୍ଜନ ଦାଶ, ଡେପୁଟି ସିଇଓ ଓରମାସ ମଧୁସ୍ମିତା ସାହୁ ଏବଂ ଜିଲ୍ଲା ପରିଷଦ ଓ ଆର୍‌ଡବ୍ଲୁଏସ୍‌ଏସ୍‌ର କର୍ମକର୍ତ୍ତା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ର ବୁଦ୍ଧିଜୀବୀ, ଆଇନଜୀବୀ, ପିଆରଆଇ ମେମ୍ବର, ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ




ଜଗତସିଂହପୁର,୮।୫(ସମିସ): ଜଗତସିଂହପୁର ଜିଲ୍ଲା ଜୁନିଅର ରେଡ୍‌କ୍ରସ୍ ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ୍ ଦିବସ ଆଜି ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ତଥା ସଂଗଠନର ସଭାପତି କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ଚଳିତ ବର୍ଷର ରେଡ଼କ୍ରସ୍ ପ୍ରସଙ୍ଗ "ୟୁନିଟି ଇନ ହ୍ୟୁମାନିଟି' ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ଲକ୍ଷହୀରା ଲାବଣ୍ୟବତୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଇଚରଣ ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଜୁନିଅର ରେଡ୍‌କ୍ରସ ଅଧିକାରୀ ତ୍ରିଲୋଚନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ତଥା ସଂଗଠନର ସମ୍ପାଦକ ଜୟନ୍ତ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ ହିମାଂଶୁ କୁମାର ମହାନ୍ତି, ଚନ୍ଦନ ବେହେରା, ଶଶାଙ୍କ ଶେଖର ରଥ, ସାରଦା ଅଧିକାରୀ, ସୁଦାମ ଜେନା, ରେଡ୍‌କ୍ରସ୍ ସମ୍ବଳ ଶିକ୍ଷକ ନିରଞ୍ଜନ ବିଶ୍ୱାଳ, ବିନାୟକ ଉପାଧ୍ୟାୟ, ପ୍ରକାଶ ମାଝୀ, ପ୍ରତାପ ବେହେରା, ମଙ୍ଗରାଜ ସାହୁ, ରେଡ୍‌କ୍ରସ୍ ପରାମର୍ଶଦାତା ବିଜୟଲକ୍ଷ୍ମୀ ଦାସ, ରୋଜାଲିନ ମହାପାତ୍ର, ପ୍ରୀତିମଞ୍ଜରୀ ଭୂଇଁଆ, ରୋଜାଲିନ ସାହୁ, ବିଦ୍ୟାଳୟର ଶିକ୍ଷକ ପ୍ରତାପ ରାଉତରାୟ ଓ ଶିକ୍ଷୟତ୍ରୀ ରିତା ମିଶ୍ର, ସୁନିତା ସୋରେନ, ଜ୍ୟୋତିପ୍ରଭା ଭୁଏ, ଗଜେନ୍ଦ୍ର ହେମ୍ବ୍ରମ, ଦିଲ୍ଲୀପ କୁମାର ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଅଙ୍ଗନବାଡି କର୍ମୀଙ୍କ ସିଡିପିଓଙ୍କ କାର୍ଯ୍ୟାଳୟ ଘେରଉ



ତିର୍ତ୍ତୋଲ,୮।୫(ସମିସ): ତିର୍ତ୍ତୋଲ ବ୍ଲକରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘ ତିର୍ତ୍ତୋଲ ଶାଖା ପକ୍ଷରୁ ଆଜି ତିର୍ତ୍ତୋଲ ବ୍ଲକ ସିଡିପିଓଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ଏଥିସହ ସେମାନେ ଭୋଗୁଥିବା ସମସ୍ୟାର ସମାଧାନ ନିମନ୍ତେ ଏକ ଦାବିପତ୍ର ସିଡିପିଓଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ସନ୍ଧ୍ୟାରାଣୀ ଦାସଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡିକ ପୂରଣ ନହେଲେ ଆଗାମୀ ଦିନରେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ଏହି ଆନ୍ଦୋଳନରେ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ତିର୍ତ୍ତୋଲ ବ୍ଲକ ସଭାନେତ୍ରୀ ନୀଳିମା ସାହୁ ଓ ସମ୍ପାଦିକା ସ୍ୱର୍ଣ୍ଣ ଲତା ଦାସ, ସେକ୍ଟର ସ୍ତରୀୟ କର୍ମୀ ସୁପ୍ରଭା ସ୍ୱାଇଁ, ନିବେଦିତା ମହାପାତ୍ର, ସସ୍ମିତା ସ୍ୱାଇଁ, ମିନତି ଓଝା, ନିରୁପମା ମିଶ୍ର, ରଶ୍ମିତା ସାହୁ, ମୀନା କୁମାରୀ ଓଝା, ମିର୍ଲା ଲିନୀ ରାୟ, ଆଲ୍ପନି ବିଶ୍ୱାଳ, ରୋଜାଲିନ ମଲ୍ଲିକ, ଆଭାରାଣୀ ଶତପଥୀ ଓ ଶାନ୍ତିଲତା ଦଳାଇ ପ୍ରମୁଖ ସାମିଲ ହୋଇଥିଲେ।

## ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା



ବାଲିକୁଦା,୮।୫(ସମିସ): ବାଲିକୁଦା କଲେଜ ବାଲିକୁଦା ପରିସରରେ କଲେଜ ଅଧ୍ୟକ୍ଷ କୃଷ୍ଣ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ବିଭାଗର ବରିଷ୍ଠ ଅଧ୍ୟାପିକା ଦୁର୍ଗେଶ ନନ୍ଦିନୀ ସ୍ୱାଇଁଙ୍କ ମଞ୍ଚ ପରିଚାଳନାରେ ଅନୁଷ୍ଠିତ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦେଇଥିଲେ ବିଭାଗର ଯୁକ୍ତ ୩ ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ପ୍ରଣବ ପ୍ରଧାନ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏହି ବିଦାୟ କାଳୀନ ପରମ୍ପରା ଏକ ଭାଇଚାରା ସୃଷ୍ଟି କରିଥାଏ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀ ପଦ୍ମିନୀ ରାଉତ ସୀମା ବାରିକ, ରିତୁ ଦାସ, ସ୍ୱାତୀ ଦାସ, ବୈଶାଖୀ, ସୋନାଲି, ଲିପ୍ସିତା, ରାକ୍ଷୀ, ପ୍ରଣବ, କାର୍ତ୍ତିକ, ମାମାଲୀଙ୍କ ସମେତ ଯୁକ୍ତ ୩ର ଶେଷ ବର୍ଷ ଛାତ୍ରଛାତ୍ରୀଙ୍କୁ ସମସ୍ତ ଓଡ଼ିଆ ବିଭାଗର ପ୍ରଥମ, ଓ ଦ୍ୱିତୀୟ ବର୍ଷ ଛାତ୍ରଛାତ୍ରୀ ବିଦାୟ ଦେଇଥିଲେ।

## ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀଙ୍କ ଜୟନ୍ତୀ




ଜଗତସିଂହପୁର,୮।୫(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ ସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ଗାନ୍ଧୀ ଗୋପବନ୍ଧୁ ଚୌଧୁରୀଙ୍କ ୧୩୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ପାଠାଗାରର ସଭାପତି ତଥା ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ଗୋପବନ୍ଧୁ ଚୌଧୁରୀଙ୍କ ତ୍ୟାଗ ଓ ଦେଶପ୍ରେମର ପଟାନ୍ତର ନାହିଁ ବୋଲି କହିଥିଲେ। ଆଲୋଚନାରେ ଭାଗନେଇ ସାରସ୍ୱତ ପରିଷଦର ଅଧ୍ୟକ୍ଷ ହିମାଂଶୁ ଶେଖର ଆଚାର୍ଯ୍ୟ, ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ବରିଷ୍ଠ ରାଜନୀତି ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଗୋପବନ୍ଧୁ ଚୌଧୁରୀ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସ୍ୱାଧୀନଚେତା ମଣିଷ, ଖଟିଖିଆ ମେହନତି ମଣିଷର ସୁଖ ଦୁଃଖର ସାଥି ଓ ସର୍ବୋପରି ଓଡ଼ିଶାର ଗାନ୍ଧୀ ରୂପେ ସୁପରିଚିତ ଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ବିଜୟ କୁମାର ପତି, ସତ୍ୟବାଦୀ ଦାସ, ଚନ୍ଦ୍ରଶେଖର ରାୟ ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀଙ୍କ କର୍ମମୟ ଜୀବନ, ସ୍ୱାଧୀନତା ସଂଗ୍ରାମର ମୁକ୍ତି ତୀର୍ଥ ଜଗତସିଂହପୁର ଅଳକାଶ୍ରମଠାରୁ ଯାଜପୁରର ବରି ଆଶ୍ରମ ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା ବୋଲି ମତ ପୋଷଣ କରିଥିଲେ ଓ ଏହି ଅବସରରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ପୁସ୍ତକ ଓ ପ୍ରମାଣପାତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପାଠାଗାରର ଉପସଭାପତି ବିଭୁତି ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

● ୧୭ ରେ ଜଗନ୍ନାଥ୍ ଟ୍ରକ୍ ମାଲିକ ସଂଘ ନିର୍ବାଚନ

## ଆଜି ଦୁଇ ପ୍ୟାନେଲ୍ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ

ପାରାଦୀପ,୮।୫(ସମିସ): ପାରାଦୀପ ଜଗନ୍ନାଥ୍ ଟ୍ରକ ମାଲିକ ସଂଘର କର୍ମକର୍ତ୍ତା ନିର୍ବାଚନ ଆସନ୍ତା ୧୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଆଜି ଦୁଇ ପ୍ୟାନେଲ ପକ୍ଷରୁ ପ୍ରାର୍ଥିପତ୍ର ଦାଖଲ କରାଯାଇଛି। ୨୦୨୬ରୁ ୨୮ ଦୁଇ ବର୍ଷ ପାଇଁ ନିର୍ବାଚନ ପ୍ରକ୍ରିୟା ଜାରି ରହିଥିବା ବେଳେ ଆଜି ଦୁଇଟି ପ୍ୟାନେଲର କର୍ମକର୍ତ୍ତାମାନେ ନିଜ ନିଜର ସମର୍ଥକଙ୍କୁ ନେଇ ପ୍ରାର୍ଠଥପତ୍ର ଦାଖଲ କରିବା ପାଇଁ ବାହାରିଥିଲେ। ଗୋଟିଏ ପ୍ୟାନେଲ ପାରାଦୀପ ଜଗନ୍ନାଥ ମନ୍ଦିରରେ ନିଜର ପୂଜାର୍ଚ୍ଚନା ସାରି ବିରାଟ ରାଲିରେ ବାହାରି ଥିବା ବେଳେ ଅନ୍ୟ ଗୋଟିଏ ପ୍ୟାନେଲ ପାରାଦୀପ ମା' ମଙ୍ଗଳା ମନ୍ଦିରରେ ପୂଜାର୍ଚ୍ଚନା ସାରି ସଙ୍ଘ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପ୍ରତ୍ୟକ ପ୍ୟାନେଲରୁ ୬ଟି ପଦ ପାଇଁ ନିର୍ବାଚନ ହେବ। ପ୍ରଥମ ପ୍ୟାନେଲରେ ସଭାପତି ଭାବେ ଗୌତମ କୁମାର ନାୟକ ଥିବା ବେଳେ ସମ୍ପାଦକ ଭାବେ ରଞ୍ଜନ କୁମାର ଧଳ, କାର୍ଯ୍ୟକାରୀ ସଭାପତି ଆଶୁତୋଷ ସ୍ୱାଇଁ, ଉପସଭାପତି ଭଗବାନ ସ୍ୱାଇଁ, ସହସମ୍ପାଦକ ମନୋଜ କୁମାର ବିଶ୍ୱାଳ ଓ କୋଷାଧ୍ୟକ୍ଷ ପାଇଁ ଭାରଦ୍ୱାଜ ସ୍ୱାଇଁ ପ୍ରାର୍ଥୀ ହୋଇଥିବା ବେଳେ ଅନ୍ୟ ପ୍ୟାନେଲରେ ସଭାପତି ପାଇଁ ସୁଧୀର କୁମାର ଜେନା, କାର୍ଯ୍ୟକାରୀ ସଭାପତି ସରୋଜ ମହାପାତ୍ର, ଉପସଭାପତି ମାନସ ପାତ୍ର, ସମ୍ପାଦକ ବିଶ୍ୱରଞ୍ଜନ ପଲାଇ, ସହସମ୍ପାଦକ ରତ୍ନାକର ଜେନା ଓ କୋଷାଧ୍ୟକ୍ଷ ବଳରାମ ଦାସ ପ୍ରମୁଖ ପ୍ରାର୍ଥୀ ହୋଇଛନ୍ତି। ଦୁଇଟି ଯାକ ପ୍ୟାନେଲ ଆଜି ଇଲେକ୍ସନ୍ ଅଫିସର୍‌ଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଆସନ୍ତା ୧୭ ତାରିଖରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ହେବ ପରେ ଅପରାହ୍ନରେ ଫଳାଫଳ ଘୋଷଣା କରାଯିବ ବୋଲି ନିର୍ବାଚନ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ପୁଲିସ ପକ୍ଷରୁ ଜୁଭେଣ୍ଟିକା କାର୍ଯ୍ୟକ୍ରମ



ପାରାଦୀପ,୮।୫(ସମିସ): ପୁଲିସ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ସୌହାର୍ଦ୍ଦପୂର୍ଣ୍ଣ ସମ୍ପର୍କ ସହିତ ସମାଜରେ ଘଟୁଥିବା ବିଭିନ୍ନ ସାଇବର ଅପରାଧକୁ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ୱତନ୍ତ୍ର ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପୁଲିସ ମହାନିର୍ଦ୍ଦେଶକ ଭିଡିଓ କନଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ବନ୍ଦର ନଗରୀ ପାରାଦୀପର ୫ଟି ଯାକ ଥାନା-ପାରାଦୀପ ଆଦର୍ଶ ଥାନା, ଜଟାଧାରୀ ସାମୁଦ୍ରିକ ଥାନା, ଅଭୟଚାନ୍ଦପୁର ଥାନା, ନେହେରୁବଙ୍ଗଳା ସାମୁଦ୍ରିକ ଥାନା ଓ ପାରାଦୀପ ଲକ୍ ଥାନା ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀ, ଅଙ୍ଗନବାଡି କର୍ମୀ, ଆଶାକର୍ମୀ ସାମିଲ ହୋଇଥିଲେ।



ଛାତ୍ରୀ ମାନେ ସୋସିଆଲ ମିଡିଆ ବ୍ୟବହାର ଏବଂ ଏଆଇ ଦ୍ୱାରା ଫଟୋ ଭାଇରାଲ ସମ୍ପର୍କରେ ଅବଗତ କରାଯାଇଥିଲା।

**ବାଲିକୁଦା:** ବାଲିକୁଦା ଥାନା ପରିସରରେ ଥାନା ଅଧିକାରୀ କାବୁଲି ବାରିକଙ୍କ ପୌରୋହିତରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦ ବର୍ଷରୁ ୧୮ ବର୍ଷ ମଧ୍ୟରେ ଯୋଗଦେଇଥିବା କିଶୋରୀମାନଙ୍କୁ ସାଇବର କ୍ରାଇମ ସମେତ ନିଜର ଗୋପନୀୟତାର ସୁରକ୍ଷା ଓ ଅନ୍ୟାନ ପ୍ରସଙ୍ଗରେ ବୁଝା ଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଥାନା ବୁଲାଇ ଦେଖାଇଥିଲେ ପୁଲିସ କର୍ମଚାରୀ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ମହିଳା ଶିଶୁ ସୁରକ୍ଷା ଦାୟିତ୍ୱରେ ଥିବା ଏସ୍‌ଆଇ ସୁକାନ୍ତି କାଣ୍ଡେଲକଲ, ଏଏସ୍‌ଆଇ ଭଗବାନ ମାଝୀ, ଇତିଶ୍ରୀ ପୁଷ୍ଟି, କନଷ୍ଟେବଳ, ଭବାନୀ ଶଙ୍କର ପଟ୍ଟନାୟକ, ରୁବି ସ୍ୱାଇଁ, ସଞ୍ଜନା ସ୍ୱାଇଁଙ୍କ ସହ ସମସ୍ତ ହୋମଗାର୍ଡ, ଗ୍ରାମରକ୍ଷୀ, ଅନଙ୍ଗନବାଡି କର୍ମୀ ଓ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଅଗ୍ନି ସୁରକ୍ଷା ସଚେତନତା ସପ୍ତାହ ଉଦ୍‌ଯାପିତ



ପାରାଦୀପ,୮।୫(ସମିସ): ଅଗ୍ନି ସମ୍ବନ୍ଧୀୟ ଜରୁରୀକାଳୀନ ପରିସ୍ଥିତି ପାଇଁ ସଚେତନତା ଉଦ୍ଦେଶ୍ୟରେ ପାରାଦୀପ ବନ୍ଦର ପକ୍ଷରୁ ଆୟୋଜିତ ଅଗ୍ନି ସୁରକ୍ଷା ସଚେତନତା ସପ୍ତାହ ଉଦଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାରାଦୀପ କେନ୍ଦ୍ରୀୟ ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ)ର ଅଗ୍ନିଶମ ବିଭାଗ ଦ୍ୱାରା, ସ୍ଥାନୀୟ ସଂଗଠନ, ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ସମ୍ପ୍ରଦାୟ ସ୍ୱେଚ୍ଛାସେବକଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ସପ୍ତାହ ମଧ୍ୟରେ, ଅନେକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଅଗ୍ନି ନିବାରଣ ଏବଂ ଜରୁରୀକାଳୀନ ପରିସ୍ଥିତି ଉପରେ ଶିକ୍ଷାଗତ କର୍ମଶାଳା ଏବଂ ସେମିନାର ଅଗ୍ନି ନିରାପତ୍ତା ଡ୍ରିଲ୍ ଏବଂ ବିଭିନ୍ନ ସ୍ଥାନରେ ଜନସଚେତନତା ଅଭିଯାନ, ବିଦ୍ୟାଳୟ, ଶିଳ୍ପ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ସାମୁଦାୟିକ ସମ୍ପର୍କ କାର୍ଯ୍ୟକ୍ରମ, ଶିଳ୍ପ ସୁରକ୍ଷା ଏବଂ ବିପର୍ଯ୍ୟୟ ପରିଚାଳନା ଉପରେ ଧ୍ୟାନ ଦେଇ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗ ଦ୍ୱାରା ଆୟୋଜିତ ପ୍ରଭାବଶାଳୀ ଅଗ୍ନି ଉଦ୍ଧାର ଏବଂ ବିପର୍ଯ୍ୟୟ ପରିଚାଳନା ପ୍ରଦର୍ଶନ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯେଉଁଥିରେ ଆଧୁନିକ ଅଗ୍ନି ନିର୍ବାପନ କୌଶଳ, ଉଦ୍ଧାର କାର୍ଯ୍ୟ ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ପ୍ରସ୍ତୁତି ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ଜୟଦେବ ସଦନ ଠାରେ ଆୟୋଜିତ ଉଦଯାପନୀ ସମାରୋହରେ ବନ୍ଦର ଅଧ୍ୟକ୍ଷ ପିଏଲ୍ ହରନାଦ, ପାରାଦୀପ ବନ୍ଦର ବିଭାଗୀୟ ମୁଖ୍ୟ, ବରିଷ୍ଠ ଅଧିକାରୀ, କର୍ମଚାରୀ, ସିଆଇଏସ୍‌ଏଫ୍ କର୍ମଚାରୀ, ବନ୍ଦର ବ୍ୟବହାରକାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ସିଆଇଏସଏଫର ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଆକାଶ ଜୟସ୍ୱାଲ ଧନ୍ୟବାଦ ଦେଇଥିଲେ।

■ ଶାଳକଙ୍କୁ ଅପହରଣ ଅଭିଯୋଗରେ ଭିଣୋଇ ସମେତ ୪ ଗିରଫ

## ବନ୍ଦ ଦୋକାନ ଘରୁ ଉଦ୍ଧାର ହେଲେ ପୀଡ଼ିତ

ଜଗତସିଂହପୁର/ନାଉଗାଁ,୮।୫(ସମିସ):



ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ପୁଲିସ ଜଣେ ଅପହୃତ ଯୁବକଙ୍କୁ ବନ୍ଦ ଦୋକାନ ଘରୁ ଉଦ୍ଧାର କରିବା ସହିତ ଅଭିଯୁକ୍ତ ଭିଣୋଇ ସମେତ ୪ ଜଣଙ୍କୁ ଗିରଫ କରିଛି। ଏମାନଙ୍କ ଠାରୁ ୩ଟି ମୋବାଇଲ ଫୋନ ଏବଂ ଅପହରଣ ସମୟରେ ବ୍ୟବହୃତ ମାରୁତି ଓମିନି କାର୍ ଜବତ କରାଯାଇଥିବା ଏସ୍‌ପି ଅଙ୍କିତ କୁମାର ବର୍ମା ସୂଚନା ଦେଇଛନ୍ତି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ପୂର୍ଣ୍ଣ ଘଟଣା ବାବଦରେ ଶ୍ରୀ ବର୍ମା ସୂଚନା ଦେଇଥିଲେ। ଏହି ସୂଚନା ଅନୁସାରେ ନାଉଗାଁ ଥାନା ପାଳପୋଖରୀ ଗ୍ରାମର ସମୀର କୁମାର ମୁଦୁଲି ଗତ ୨୦୦୮ ମସିହା ଜୁନ ୨୫ ତାରିଖରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ବଣ୍ଟିଲୋ ଗ୍ରାମର ନରେଶ ମୁଦୁଲିଙ୍କ ଝିଅ ମୋନାଲିସାଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ୧୬ ବର୍ଷର ପୁଅ ମଧ୍ୟ ରହିଛି। ସ୍ୱାମୀ ସମୀରଙ୍କର ଅନ୍ୟ ଜଣେ ମହିଳାଙ୍କ ସହିତ ଅନୈତିକ ସମ୍ପର୍କ ଥିବା ସନ୍ଦେହକୁ ନେଇ ବିଭିନ୍ନ ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପ୍ରାୟ ୨ ବର୍ଷ ତଳେ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ମୋନାଲିସା ବାପଘରକୁ ପଳାଇଥିଲେ। ସମୀର ସେଠାରେ ପହଞ୍ଚି ପରିବାର ଲୋକଙ୍କ ସହିତ ଝଗଡ଼ା କରିଥିଲେ ଏବଂ ମୋନାଲିସାଙ୍କୁ ତାଙ୍କ ସହିତ ପଠାଇବା ପାଇଁ ବାଧ୍ୟ କରିଥିଲେ। ପରେ କାକଟପୁର ଥାନା ନୂଆହାଟ ନିକଟରେ ୨୦୨୪ ମସିହା ଜୁନ ୭ ତାରିଖରେ ବିଷ ପିଇ ଦେଇଥିଲେ। ୨୭ ଦିନର ଚିକିତ୍ସା ପରେ ଘରକୁ ଫେରିଥିଲେ ସମୀର। ଗତ ଏପ୍ରିଲ ୨୦ ତାରିଖ ରାତିରେ ସମୀର ତାଙ୍କ ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥଲେ। ସେ ପାଟି କରିବାରୁ ପୁଅ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା ବୋଲି ମୋନାଲିସା ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ୨୧ ତାରିଖରେ ସେ ପୁଅକୁ ନେଇ ବାପଘରକୁ ଚାଲି ଯାଇଥିଲେ ଏବଂ ଆଉ ସ୍ୱାମୀଙ୍କ ଘରକୁ ଆସିବେନି ବୋଲି ସ୍ଥିର କରିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସମୀର ମୋନାଲିସାଙ୍କ ଭାଇ ସୌମ୍ୟକାନ୍ତଙ୍କୁ ଅପହରଣ ପାଇଁ ଯୋଜନା କରିଥିଲେ। ଗତ ୭ ତାରିଖ ସକାଳ ୫.୩୦ମି. ସମୟରେ ଅନ୍ୟ ୩ ସହଯୋଗୀଙ୍କ ସହିତ ଭୁବନେଶ୍ୱର ବିଡିଏ ସାଇ ମନ୍ଦିର ନିକଟରୁ ସୌମ୍ୟକାନ୍ତଙ୍କୁ ଏକ ମାରୁତି ଓମିନି କାରରେ ଅପହରଣ କରି ନାଉଗାଁ ଆଣିଥିଲେ। କଣ୍ଟୁଣିଆ ଠାରେ ଥିବା ଏକ ଦୋକାନ ଘରେ ସୌମ୍ୟକାନ୍ତଙ୍କୁ ବନ୍ଦୀ କରି ରଖିବା ସହିତ ପାଟି କଲେ ପେଟ୍ରୋଲ ଢାଳି ପୋଡି ଦେବାକୁ ଧମକ ଦେଇଥିଲେ। ମୋନାଲିସାଙ୍କୁ ମଧ୍ୟ ଘଟଣା ସମ୍ପର୍କରେ ଫୋନରେ ଜଣାଇବାକୁ ସୌମ୍ୟକାନ୍ତଙ୍କୁ ଅଭିଯୁକ୍ତ ମାନେ ବାଧ୍ୟ କରିଥିଲେ। ପରେ ମୋନାଲିସାଙ୍କ ପରିବାର ପକ୍ଷରୁ ପୁଲିସକୁ ସୂଚନା ଦିଆଯାଇଥିଲା ଏବଂ ନାଉଗାଁ ପୁଲିସ କଣ୍ଟୁଣିଆରେ ପହଞ୍ଚି ସୌମ୍ୟକାନ୍ତଙ୍କୁ ଉଦ୍ଧାର କରିଥିଲା। ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି।

● ଚୋରକୁ ଧରି ପୁଲିସ ଜିମାଦେଲେ ଗ୍ରାମବାସୀ

# ମନ୍ଦିରରୁ ଚୋରି ସୁନା ଅଳଙ୍କାର ଜବତ

କେନ୍ଦ୍ରାପଡ଼ା, ୮।୫(ସମିସ): କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଚୋରି ଓ ଛିନତାଇ ଘଟଣା ବଢ଼ି ଚାଲିଥିବାବେଳେ ଏବେ ଦୁର୍ବୃତ୍ତଙ୍କ ମନ୍ଦିର ଉପରେ ନଜର ପଡ଼ିଛି। ସଦର ପୁଲିସର କାର୍ଯ୍ୟଶୈଳୀ ଉପରେ ସାଧାରଣ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠୁଥିବାବେଳେ ଚକ୍ରୋଡା ଗ୍ରାମରେ ଘଟିଥିବା ମନ୍ଦିର ଚୋରି ଘଟଣାରେ ଚୋରକୁ ପୁଲିସ ନୁହେଁ, ଗ୍ରାମବାସୀ ଧରିଛନ୍ତି। ରବିବାର ରାତିରେ ଚକ୍ରୋଡା ଗ୍ରାମଦେବତୀ ମା' ଚାଚଖାଇ ମନ୍ଦିରରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଗ୍ରାମବାସୀ ସନ୍ଦେହ ଲୋକଙ୍କୁ ଖୋଜାଖୋଜି କରି ଜଣେ ଯୁବକଙ୍କୁ କାବୁ କରିଥିଲେ। ପରେ ତାଙ୍କୁ ସଦର ପୁଲିସ ଜିମା ଦେଇଥିବାବେଳେ ପୁଲିସ କିଛି ସୁନା ଅଳଙ୍କାର ଜବତ କରିଥିବା ଜଣାପଡ଼ିଛି। ଏଥିପୂର୍ବରୁ ଚକ୍ରୋଡା ନିକଟସ୍ଥ ଭରତପୁର କାଳୀ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ଘଟଣା ସହ ଏହି ଅଭିଯୁକ୍ତଙ୍କ ସମ୍ପୃକ୍ତି ରହିଥିବା ନେଇ ମଧ୍ୟ ଆଶଙ୍କା କରାଯାଉଛି।

# ଗୋରୁ ଗାଡ଼ି ଜବତ



ରାଜକନିକା, ୮।୫(ସମିସ): ଗୋରୁ ବେପାରୀଙ୍କ ଦୌରାତ୍ମ୍ୟ କହିଲେ ନ ସରେ। ଗୋରୁ ଗାଡ଼ି ଅଟକଇଲା ବେଳେ ଗାଡ଼ି ଚଢ଼ାଇ ଜୀବନରୁ ମାରିଦେବାକୁ ପଛାଉନାହାନ୍ତି। ତେବେ ଆଜି ଦୁଇଟି ଗାଡ଼ିରେ ଗୋରୁ ଚାଲାଣ ହେଉଥିବାବେଳେ ଧର୍ମରକ୍ଷା ସେନା କର୍ମୀ ଅଟକାଇବାକୁ ପ୍ରୟାସ କରିଥିଲେ। ଗୋଟିଏ ଗାଡ଼ି ଖସିଯାଇଥିବାବେଳେ ଅନ୍ୟଟିକୁ ମାଡ଼ି ବସିଥିଲେ। ପରେ ଗୋରୁ ଗାଡ଼ିକୁ ରାଜକନିକା ଥାନାରେ ଜିମା ଦିଆଯାଇଥିବା ଧର୍ମରକ୍ଷା ସେନା ସଭାପତି କଳିଙ୍ଗ ସେନାପତି ସୂଚନା ଦେଇଛନ୍ତି।

# ବେଣୀପୁର ହାଇସ୍କୁଲର ସଫଳ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



ପଞ୍ଚୁପାଣ୍ଡବ, ୮।୫(ସମିସ): ମାଟ୍ରିକ୍ ପରୀକ୍ଷାରେ ସଫଳ ହୋଇଥିବା ବେଣୀପୁର ହାଇସ୍କୁଲର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ବିଦ୍ୟାଳୟର ୪୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ ୪ ଜଣ ଏ-୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଧାନଶିକ୍ଷକ ଶଶୀକାନ୍ତ ସାହୁ ଭାଗ୍ୟଲକ୍ଷ୍ମୀ ପଣ୍ଡା (୫୧୮), ପ୍ରୀତିପ୍ରିୟା ସାହୁ (୪୯୬), ଶୁଭମଜ୍ୟୋତି ସାହୁ (୪୯୨) ଓ ଲଳିତେନ୍ଦୁ ସାହୁ (୫୨୬)ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସଭାରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ବୈଷ୍ଣବ ଚରଣ କୁଣ୍ଡ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସାମ୍ବାଦିକଙ୍କ ପିତୃ ବିୟୋଗ



ରାଜନଗର, ୮।୫(ସମିସ): ଓସ୍ତିଆ ପଞ୍ଚାୟତ ବାଲିକଣା ଶାସନର କର୍ମକାଣ୍ଡବିତ ତଥା ବରିଷ୍ଠ ସାମ୍ବାଦିକ ବ୍ରଜକିଶୋର ମିଶ୍ରଙ୍କ ପିତା ବଂଶୀଧର ମିଶ୍ରଙ୍କ ପରଲୋକ ଘଟିଛି। ସ୍ୱର୍ଗତ ମିଶ୍ର ସମଗ୍ର ରାଜନଗର ବ୍ଲକରେ ଜଣେ କର୍ମକାଣ୍ଡ ବିଶାରଦ ଭାବେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ରାଜନଗର ବିଧାୟକ ଧ୍ରୁବ ସାହୁ ପରିବାର ଲୋକଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇଛନ୍ତି। ଗାଁ ଶ୍ମଶାନରେ ଶେଷକୃତ୍ୟ କରାଯାଇଛି। ବଡ଼ପୁଅ ବୀରକିଶୋର ମିଶ୍ର ମୁଖାଗ୍ନି ଦେଇଥିଲେ।

ଦାନପୁର-ଚାନ୍ଦୋଳ ପୂର୍ତ୍ତ ବିଭାଗ ରାସ୍ତା

# ବାଲି ବୋଝେଇ ଗାଡ଼ି ଚଳାଚଳ ଯୋଗୁଁ ଶୋଚନୀୟ

ଡେରାବିଶ, ୮।୫(ସମିସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳରୁ ଦାନପୁରର ଲୁଣାସେତୁ ଯାଏ ନିର୍ମିତ ପୂର୍ତ୍ତ ବିଭାଗ ରାସ୍ତା ଏବେ ସମ୍ପୂର୍ଣ୍ଣଭାବେ ନଷ୍ଟ ହୋଇ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାରେ ନିୟମିତ ବାଲି ବୋଝେଇ ହାଇୱା ଭଳି ଭାରୀଯାନ ଚଳାଚଳ କରୁଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଦାନପୁର-ଚାନ୍ଦୋଳ ରାସ୍ତା ଉପରେ ଚାନ୍ଦୋଳ, ଦାନପୁର, ମୁକନ୍ଦପୁର, ରତାଦିଆଖଣ୍ଡସାହି, ଲୁଣାନଦୀ ଆରପଟ ହରିଅଙ୍କ, ଯଁଅାରାବାରିମୂଳ ଓ ଇନ୍ଦାଳେ ପଞ୍ଚାୟତ ସମେତ ଗରଦପୁର ଓ ମାର୍ଶାଘାଇ ବ୍ଲକର ଜନସାଧାରଣ ଯାତାୟାତ କରନ୍ତି। ଏଥିସହିତ ଏହି ରାସ୍ତା ଦେଇ ଚାନ୍ଦୋଳ ଓ ଦାନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଲୋକେ ଯାଇଥା'ନ୍ତି। ଏହି ରାସ୍ତା କଡ଼ରେ ଦୁଇଟି ହାଇସ୍କୁଲ ଓ ତିନୋଟି ପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ଛାତ୍ରଛାତ୍ରୀ ଏହା ଉପରେ ନିର୍ଭର କରନ୍ତି। ଉକ୍ତ ରାସ୍ତାରେ ପ୍ରତ୍ୟେକ ଦିନ ଲୁଣାନଦୀର ବିଭିନ୍ନ ବାଲିଘାଟରୁ ହାଇୱା ଭଳି ଶହ ଶହ ଭାରୀଯାନ ବାଲି ପରିବହନ କରୁଛି। ଏହି ହାଇୱା କ୍ଷମତାଠାରୁ ଅଧିକ ବାଲି ପରହିବନ କରିବା ସହିତ ଏହି ବାଲି ନଦୀ ଗର୍ଭରୁ ପାଣି ମଧ୍ୟରୁ ଛାଣି ଆଣୁଥିବାରୁ ରାସ୍ତା ସାରା ହାଇୱାରୁ ପାଣି ଝରି ରାସ୍ତାରେ ଜମି ରହୁଛି। ଫଳରେ ରାସ୍ତାର ଦୁଇ ପାର୍ଶ୍ୱ ଦୁର୍ବଳ ହୋଇ ଦବିଯାଉଛି। ଖାଲରେ ହାଇୱାରୁ ପାଣି ଝରି ଜମାହୋଇ ଗାଡ଼ ସୃଷ୍ଟି କରୁଛି। ଅପରପକ୍ଷରେ ଏହି ରାସ୍ତା ଦେଇ ନଦୀ ଆରପଟକୁ ବିଭିନ୍ନ ଗୃହ ନିର୍ମାଣ ସାମଗ୍ରୀ ଓ ପଣ୍ୟଦ୍ରବ୍ୟ ଦେଇ ଯାଉଥିବା ଛୋଟ ଯାନ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅକ୍ଟୋବର ପରେ ଏହି ରାସ୍ତାକୁ ମରାମତି କରାଯାଇ କେତେକ ସ୍ଥାନରେ ଖାଲ ଭର୍ତ୍ତି କରାଯାଇ ପିଚୁ କରାଯାଇଥିଲା। ଏବେ ଭାରୀଯାନ ବାଲି ପରିବହନ କରି ମରାମତି ହୋଇଥିବା ସ୍ଥାନକୁ ଛାଡ଼ି ଅନ୍ୟ ସ୍ଥାନରେ ଖାଲମାନ ସୃଷ୍ଟି କରିସାରିଲାଣି। ଯାହାକି ବର୍ଷା ଋତୁରେ ରାସ୍ତାଟି ବ୍ୟବହାର ଅନୁପଯୋଗୀ ହୋଇପଡ଼ିବ। ତୁରନ୍ତ ବର୍ଷାଦିନ ପୂର୍ବରୁ ଏହି ରାସ୍ତାକୁ ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



● ହାଇଦ୍ରାବାଦରେ ଯୁବକଙ୍କ ମୃତ୍ୟୁ, ହତ୍ୟା ସନ୍ଦେହ

# ଘଟଣାର ତଦନ୍ତ ଓ ଅଭିଯୁକ୍ତକୁ ଗିରଫ ଦାବିରେ ରାସ୍ତାରୋକ



ପଟ୍ଟାମୁଣ୍ଡାଇ, ୮।୫(ସମିସ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ତରଡ଼ିପାଳ ଗ୍ରାମର ପ୍ରଶାନ୍ତ ମହାନ୍ତି ହାଇଦ୍ରାବାଦରେ କାମ କରନ୍ତି। ପରିବାର ସହ ପ୍ରଶାନ୍ତ ରହୁଥିଲେ ଓ ତାଙ୍କ ପତ୍ନୀ ଗର୍ଭବତୀ ଅଛନ୍ତି। ହାଇଦ୍ରାବାଦରେ ଥିବା ସମୟରେ ନିକଟରେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି। ପ୍ରଶାନ୍ତଙ୍କ ମରଶରୀର ନିଜ ଗାଁ ତରଡ଼ିପାଳରେ ପହଞ୍ଚିବା ପରେ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ହାଇଦ୍ରାବାଦ ପୁଲିସ ଏହି ମାମଲାରେ ଉପଯୁକ୍ତ ତଦନ୍ତ କରି ନ ଥିବାରୁ ଓଡ଼ିଶା ସରକାରଙ୍କ ଜରିଆରେ ତେଲେଙ୍ଗାନା ସରକାର ଓ ହାଇଦ୍ରାବାଦ ପୁଲିସ ଉପରେ ଚାପ ସୃଷ୍ଟି କରିବା, ଉପଯୁକ୍ତ ତଦନ୍ତ ଓ ଅଭିଯୁକ୍ତକୁ ଗିରଫ ଦାବିରେ ତରଡ଼ିପାଳ ଗ୍ରାମର ଲୋକ ଟାୟାର ଜାଳି ରାସ୍ତାରୋକ କରିଥିଲେ। ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି।

# ପୌର ପରିଷଦ ପକ୍ଷରୁ ପଲିଥିନ ଯାଞ୍ଚ



ପଟ୍ଟାମୁଣ୍ଡାଇ, ୮।୫(ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ପକ୍ଷରୁ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ପଲିଥିନ ଯାଞ୍ଚ କରାଯାଇଛି। ନିର୍ବାହୀ ଅଧିକାରୀ ରଞ୍ଜନ ଦାଶ, ଖାଦ୍ୟ ସୁରକ୍ଷା ଅଧିକାରୀ ଭାରତ ଭୂଷଣ ସ୍ୱାଇଁ, ବହୁବିଧ କାର୍ଯ୍ୟକ୍ରମ ସହକାରୀ ପ୍ରଶାନ୍ତ ସାହୁ, ପାରାଦୀପ ପ୍ରଦୂଷଣ ବୋର୍ଡ କ୍ଷେତ୍ର ସହକାରୀ ମନୋଜ ନାୟକ ପୁଲିସ ଫୋର୍ସ ସହ ବିଭିନ୍ନ ଦୋକାନକୁ ଯାଇ ପଲିଥିନ ଯାଞ୍ଚ କରିବା ସହିତ ୩୦, ୫୦୦ ଟଙ୍କା ଜରିମାନା କରିଥିଲେ। ଏହି ଟିମ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ଭୋଜନାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଖାଦ୍ୟର ଗୁଣବତ୍ତା ଯାଞ୍ଚ କରିବା ସହିତ ଏକକ ବ୍ୟବହୃତ ପଲିଥିନ, ପ୍ଲାଷ୍ଟିକ ବ୍ୟବହାର କରାଯିବା ନେଇ ଯାଞ୍ଚ କରିଥିଲେ। ବିଭିନ୍ନ ଭୋଜନାଳୟ ଓ ବ୍ୟବସାୟିକ ପ୍ରତିଷ୍ଠାନରୁ ୫ରୁ ୬ କିଗ୍ରା ପଲିଥିନ, ୧୨ଟି ସୋଲ ଗିନା ପ୍ୟାକେଟ, ବାସି ଖାଦ୍ୟ ଜବତ ହୋଇଥିଲା।

# କୁକୁର ମୁହଁରୁ ହରିଣକୁ ବଞ୍ଚାଇଲେ କୃଷି କର୍ମଚାରୀ



ରାଜନଗର, ୮।୫(ସମିସ): ରାଜନଗରଠାରୁ ୧୨ କିଲୋମିଟର ଦୂରରେ ଥିବା ଜଙ୍ଗଲରୁ ଶୁକ୍ରବାର ସକାଳୁ ହରିଣ ପଳାଇ ଆସି ବାଘୁଆ ଉଦ୍ୟାନ କୃଷି ଅଫିସ ପାଖରେ ଥିବା ବିଲରେ ଚାରୁଥିବାବେଳେ କିଛି କୁକୁର ଆକ୍ରମଣ କରିଥିଲେ। ଉଦ୍ୟାନ କୃଷି ଅଫିସ୍‌ର କର୍ମଚାରୀ ସତ୍ୟବ୍ରତ ଚୌଧୁରୀ ଓ ରଞ୍ଜିତ ନାୟକ ଏହା ଦେଖି ୧ ଘଣ୍ଟା କାଳ ସଂଘର୍ଷ କରିବା ପରେ କୁକୁର ମୁହଁରୁ ହରିଣକୁ ଉଦ୍ଧାର କରିଥିଲେ। ପରେ ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ହରିଣକୁ ଆଣି ଦୋବନ୍ଧି ବିଟ ଘରେ ରଖିଛନ୍ତି। ହରିଣ ଦେହର ବିଭିନ୍ନ ସ୍ଥାନରେ କ୍ଷତ ହୋଇଛି। ବନ ବିଭାଗ ରାଜନଗର ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧିକାରୀଙ୍କୁ ଜଣାଇବା ପରେ ସେ ସେଠାରେ ପହଞ୍ଚି ହରିଣର ଚିକିତ୍ସା କରୁଛନ୍ତି।

# ଆକାଶରେ ଅଲୌକିକ ଦୃଶ୍ୟ, ଅଞ୍ଚଳବାସୀ ଆତଙ୍କିତ



ମହାକାଳପଡ଼ା, ୮।୫(ସମିସ): ମହାକାଳପଡ଼ା ଅଞ୍ଚଳର ଆକାଶରେ ଆଜି ଏକ ଅଜବ ତଥା ଅଲୌକିକ ଦୃଶ୍ୟ ଦେଖିବାକୁ ମିଳିଛି। ସନ୍ଧ୍ୟା ସମୟରେ ଆକାଶରେ ଏକ ଆଲୋକ କୁଣ୍ଡଳୀ ସଦୃଶ ଆକୃତି ଦେଖାଯିବା ପରେ ଲୋକଙ୍କ ମଧ୍ୟରେ କୌତୂହଳ ସହ ଭୟର ବାତାବରଣ ଖେଳିଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଆକାଶରେ ଏକ ଧୂଆଁଳିଆ ଆଲୋକର ଗାର ଗତି କରିଥିଲା। ପରେ ତାହା ବିଶାଳ ଆକୃତି ଧାରଣ କରିଥିଲା। ଏହି ଦୃଶ୍ୟ କିଛି ସମୟ ପାଇଁ ଆକାଶରେ ସ୍ଥିର ରହିବା ପରେ ଧୀରେ ଧୀରେ ମିଳେଇ ଯାଇଥିଲା। ଏହାକୁ ଦେଖିବା ପାଇଁ ଲୋକେ ନିଜ ନିଜ ଛାତ ଉପରକୁ ଧାଇଁଥିଲେ। କେହି କେହି ଏହାକୁ ଉଲକାପାତ ବୋଲି କହୁଥିବାବେଳେ ଅନ୍ୟ କେତେକ ଏହାକୁ କୌଣସି ଅଜଣା ମହାକାଶଯାନ ବା ରକେଟର ଅଂଶବିଶେଷ ବୋଲି ଅନୁମାନ କରୁଛନ୍ତି। ଏହି ରହସ୍ୟମୟ ଦୃଶ୍ୟର ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅନେକ ଲୋକ ଏହାକୁ ନିଜ ନିଜ ମୋବାଇଲ୍‌ରେ କଏଦ କରି ସୋସିଆଲ ମିଡିଆରେ ଭାଇରାଲ କରିଥିବା ଜଣାପଡ଼ିଛି।

# କୈଳାସ ପରିଡ଼ା ରାଜନଗର ବ୍ଲକ୍ ଆମ୍ବା ଅଧ୍ୟକ୍ଷ



ରାଜନଗର, ୮।୫(ସମିସ): ରାଜନଗର ବ୍ଲକର ନୂତନ ଆମ୍ବା ଅଧ୍ୟକ୍ଷ ଭାବେ ବିଜୁ ଜନତା ଦଳ ନେତାର ବରିଷ୍ଠ ନେତା କୈଳାସ ଚନ୍ଦ୍ର ପରିଡ଼ା ନିର୍ବାଚିତ ହୋଇଛନ୍ତି। ନବନିର୍ବାଚିତ ଆମ୍ବା ଅଧ୍ୟକ୍ଷ ଶ୍ରୀ ପରିଡ଼ା ଏଥିପାଇଁ ବିଧାୟକ ଧ୍ରୁବ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ନିଷ୍ଠାର ସହିତ ଏହି ଗୁରୁଦାୟିତ୍ୱ ତୁଲାଇବେ ବୋଲି କହିଛନ୍ତି। ଶ୍ରୀ ପରିଡ଼ା ଛାତ୍ର କଂଗ୍ରେସରୁ ରାଜନୀତିକୁ ଆସିଥିଲେ। ପରବର୍ତ୍ତୀ ସମୟରେ ବାଲିସାହିପାଟଣା ପଞ୍ଚାୟତରୁ ସମିତି ସଭ୍ୟ, ଯୁବ କଂଗ୍ରେସ ସଭାପତି, ବିଜୁ ଜନତା ଦଳ ବ୍ଲକ ସଭାପତି, ଥରେ ସରପଞ୍ଚ ହୋଇଥିଲେ। ଶ୍ରୀ ପରିଡ଼ା ଆମ୍ବା ଅଧ୍ୟକ୍ଷ ନିର୍ବାଚିତ ହେବା ପରେ ବିଧାୟକ ଶ୍ରୀ ସାହୁ ତାଙ୍କୁ ଫୁଲତୋଡ଼ ଦେଇ ଅଭିନନ୍ଦନ ଜଣାଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ନିର୍ବାଚନରେ ଆମ୍ବାର ସଦସ୍ୟ ରଞ୍ଜନ ଜେନା, ସଞ୍ଜୟ ସ୍ୱାଇଁ, ସୁନୀତା ରାଉତ, ମଧୁସ୍ମିତା ଦାସ, ସୁରେଶ ପାତ୍ର, ପ୍ରତୀମା ସାହାଣୀ, ସ୍ୱର୍ଣ୍ଣପ୍ରଭା କୁଣ୍ଡ, ବସନ୍ତ ବେହୁରା, ସବିତା ମାହୁନ୍ତ, ଗୋଲେଖ ସେଠୀ, ଦିଲ୍ଲୀପ ମହାନ୍ତି, ମଞ୍ଜୁଲତା ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଶିଶୁ ଓ କିଶୋରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା

# ପୁଲିସ ଓ କିଶୋରୀଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧିକୁ ଗୁରୁତ୍ୱ

କେନ୍ଦ୍ରାପଡ଼ା, ୮।୫(ସମିସ)

ଶିଶୁ ଓ କିଶୋରୀଙ୍କୁ ସୁରକ୍ଷା, ସଚେତନ ଓ ସଶକ୍ତ କରିବା ଉଦ୍ଦେଶ୍ୟରେ କେନ୍ଦ୍ରାପଡ଼ା ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଟାଉନ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପୁଲିସ ଓ ଜାତିସଂଘ ଶିଶୁ କଲ୍ୟାଣ ସଂସ୍ଥା ସହଯୋଗରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ଶିଶୁ ଓ କିଶୋରୀଙ୍କୁ ବିଭିନ୍ନ ଅପରାଧ, ଅନଲାଇନ ଠକେଇ ଓ ସାମାଜିକ ବିପଦ ସମ୍ପର୍କରେ ସଚେତନ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କାଟାରିଆ ଯୋଗଦେଇ କହିଥିଲେ,



କିଶୋର ଅବସ୍ଥାରେ ସଠିକ ମାର୍ଗଦର୍ଶନ ଓ ସଚେତନତା ରହିଲେ ଅନେକ ଅପରାଧ ଓ ଭୁଲ ପଥରୁ ଯୁବପିଢ଼ିଙ୍କୁ ଦୂରେଇ ରଖାଯାଇପାରିବ। ପୁଲିସ ଓ କିଶୋରୀଙ୍କ ମଧ୍ୟରେ ଆତ୍ମୀୟତା ଓ ବିଶ୍ୱାସ ବୃଦ୍ଧି କରିବା ହିଁ ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏ ଅବସରରେ ଛାତ୍ରୀଙ୍କ ସହ ଆଲୋଚନା, ସଚେତନତାମୂଳକ ଚଳଚ୍ଚିତ୍ର ପ୍ରଦର୍ଶନ ଓ ମତବିନିମୟ ସଭା ଆୟୋଜିତ ହୋଇଥିଲା। ପ୍ରତ୍ୟେକ ଥାନାରେ ଶିଶୁ ଓ କିଶୋରୀଙ୍କ ସୁରକ୍ଷା ପାଇଁ ଜଣେ ବିଶେଷ ପୁଲିସ ଅଧିକାରୀ ନିଯୁକ୍ତ କରାଯାଇଥିବାବେଳେ ଟାଉନ ଥାନାରେ ଇନ୍ସପେକ୍ଟର ନିଲମ ଷଡ଼ଙ୍ଗୀଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ଟାଉନ ଥାନା ଅଧିକାରୀ ଶୁଭେନ୍ଦୁ ସାହୁ, ଇନ୍ସପେକ୍ଟର ବିଶ୍ୱଭୂଷଣ ସାହାଣୀ, ଏଏସଆଇ ବୃନ୍ଦାବନ ବେହେରା, ଅଶୋକ ମାଝୀ ଓ ଅଶୋକ ସେଠୀ ସମେତ ଅନ୍ୟ ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ।

**ପଟ୍ଟାମୁଣ୍ଡାଇ:** ସମଗ୍ର ଓଡ଼ିଶାରେ ମହିଳା, କିଶୋରୀ ଓ ଶିଶୁ ନିର୍ଯାତନା ଅପରାଧ ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ମହିଳା, କିଶୋରୀ ଓ ଶିଶୁ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଜନଚେତନା ସୃଷ୍ଟି କରି ମହିଳା, କିଶୋରୀ, ଶିଶୁ



ଅପରାଧ ରୋକିବାକୁ ୟୁନିସେଫ ଓ ଓଡ଼ିଶା ପୁଲିସ ପକ୍ଷରୁ ରାଜ୍ୟରେ ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଆୟୋଜନ କରାଯାଉଛି। ୟୁନିସେଫ ଓ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ମହିଳା, କିଶୋରୀ ଓ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର ପୌରୋହିତ୍ୟ କରି ସାମ୍ପ୍ରତିକ ସମାଜରୁ ମହିଳା, କିଶୋରୀ ଓ ଶିଶୁଙ୍କ ସୁରକ୍ଷା ଓ ଅପରାଧ ରୋକିବା ଦିଗରେ ଆଇନଗତ ବ୍ୟବସ୍ଥା ସର୍ବୋପରି ଅପରାଧ ହ୍ରାସ ପାଇଁ କିଶୋରୀ ଓ ଶିଶୁଙ୍କ ମାନସିକତାରେ ପରିବର୍ତ୍ତନ ପାଇଁ ବ୍ୟାପକ ସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ। କିଶୋରୀ ଓ ଶିଶୁଙ୍କ ପୁଲିସ ସହିତ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ଏହି ସମବେଦନଶୀଳ ମାମଲା ପରିଚାଳନାରେ ସହାୟକ ହୋଇପାରିବ ବୋଲି କହିଥିଲେ। ଅତିରିକ୍ତ ଏସ୍‌ପି ସୁଧାକର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ଆଇନଗତ ଦିଗ ଓ ଅପରାଧ ରୋକିବା ସମ୍ପର୍କରେ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୫ଟି ୱାର୍ଡର ଅଙ୍ଗନବାଡି କର୍ମୀ, ସହାୟିକା, ଶିଶୁ, କିଶୋରୀ ଓ ଅଭିଭାବକ ଯୋଗ ଦେଇଥିଲେ। ଆଦର୍ଶ ଥାନା ଏସ୍‌ଆଇ ସୁମନ୍ତ ସେଠୀ, ମହିଳା ଏଏସ୍‌ଆଇ ମେନକା ତ୍ରିପାଠୀ, ଏଏସଆଇ ବିଜୟ ସାହୁ ଓ ଗୁଣେନ୍ଦ୍ର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

**ରାଜନଗର:** ରାଜନଗର ସଦର ଥାନାରେ କିଶୋରୀ ବାଳିକାଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ଜୁଭେଣ୍ଟିକା ଅନୁଷ୍ଠିତ ହୋଇଯାଇଛି। ୟୁନିସେଫ ଓ ଗୃହ ବିଭାଗ ମିଳିତ ଆନୁକୂଲ୍ୟରେ ସମଗ୍ର ରାଜ୍ୟର ୫୭୮ ଥାନାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଓ ବରିଷ୍ଠ ଅଧିକାରୀ ଏହି କାର୍ଯ୍ୟକ୍ରମରେ ଆଭାସି ମାଧ୍ୟମରେ ଯୋଡ଼ି ହୋଇଥିଲେ।



ଶ୍ରୀ ଖୁରାନିଆ ଆଭାସି ମାଧ୍ୟମରେ ରାଜ୍ୟର ବିଭିନ୍ନ ଥାନାରେ ଯୋଗଦେଇଥିବା କିଶୋରୀ ବାଳିକାଙ୍କୁ ପ୍ରଥମଥର ଥାନାକୁ ଆସିଥିବାରୁ କିପରି ଅନୁଭବ କରୁଛ ବୋଲି ପଚାରି ବୁଝିଥିଲେ। ପୁଲିସ ଆପଣମାନଙ୍କ ବନ୍ଧୁ, ଅସୁବିଧା ସମୟରେ ସହାୟତା ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ। ରାଜନଗର ଥାନା ଅଧିକାରୀ ନରେଶ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ଦୋଳଗୋବିନ୍ଦ ଜେନା, ନଳିନୀ ସ୍ୱାଇଁ, ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ଏଏସଆଇ ମାମି ଦେଇ ପ୍ରମୁଖ ଯୋଗଦ ଦେଇଥିଲେ। କିଶୋରୀ ବାଳିକା ଅସୁବିଧାର ସମ୍ମୁଖୀନ ହେଲେ ଭୟ ନ କରି ଥାନାକୁ ଆସି ମହିଳା ଓ ଶିଶୁ ଡେସ୍କ ଦାୟିତ୍ୱରେ ଥିବା ଏଏସଆଇଙ୍କୁ ଭେଟି ଅଭିଯୋଗ କରିବାକୁ ଆଇଆଇସି ଶ୍ରୀ ସାହୁ ପରାମର୍ଶ ଦେଇଥିଲେ। କିଶୋରୀ ବାଳିକାଙ୍କ ମଧ୍ୟରୁ ବେବିନା ନାଥଶର୍ମା ନିଜ ପ୍ରତିକ୍ରିୟାରେ ଥାନାକୁ ଆସିବାବେଳେ ଆମକୁ ଭୟ ଲାଗୁଥିଲା। ଏବେ ଭୟ ଲାଗୁନି। ପୁଲିସ ବିଭାଗ ପ୍ରତି ଆମର ଧାରଣା ବଦଳିଯାଇଥିବା କହିଥିଲେ। ଏଏସଆଇ ଶିଶିର ସାହୁ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଙ୍ଗନବାଡି ସୁପରଭାଇଜର ମିନତୀ ମିଶ୍ର, ପ୍ରତିଭା ମହାନ୍ତି, କର୍ମୀ ଓ ସହାୟିକା ଯୋଗ ଦେଇଥିଲେ।

**ରାଜକନିକା:** ରାଜକନିକା ଥାନା ଅଧିକାରୀ ସଞ୍ଜୟ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଜୁଭେଣ୍ଟିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜକନିକା ଅଞ୍ଚଳର ୫ଟି ଅଙ୍ଗନୱାଡି କେନ୍ଦ୍ରରୁ ପ୍ରାୟ ୨୫ ଜଣ କିଶୋରୀଙ୍କ ସହିତ ପାଞ୍ଚଜଣ



ଅଙ୍ଗନବାଡି ଦିଦି ଉପସ୍ଥିତ ଥିଲେ। ଥାନା ପକ୍ଷରୁ କିଶୋରୀଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ପିଲାମାନେ ନିଜ ଭିତରେ ଥିବା ପ୍ରଶ୍ନ ମଧ୍ୟ କରିଥିଲେ। ତେବେ କିଶୋରୀଙ୍କ ମଧ୍ୟରେ ଆଇନ ପ୍ରତି ସଚେତନତା, ଘରୋଇ ହିଂସା ସମ୍ପର୍କରେ ପୁଲିସକୁ ଅବଗତ କରାଇବା ସହ ସଚେତନ ହେବାକୁ ଭିଡିଓ କନଫରେନ୍ସି ଜରିଆରେ ସଚେତନ ହୋଇଥିଲେ।

**ମାର୍ଶାଘାଇ:** ରାଜ୍ୟ କ୍ରାଇମବ୍ରାଞ୍ଚ ପକ୍ଷରୁ ଶିଶୁ ଓ କିଶୋରୀଙ୍କୁ ସଚେତନ କରିବାକୁ ମାର୍ଶାଘାଇ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ତପନ ନୟକ ଯୋଗଦେଇ ଉପସ୍ଥିତ କିଶୋରୀଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରିଥିଲେ। କୌଣସି ସାଇବରଜନିତ ସମସ୍ୟାର ସମ୍ମୁଖୀନ



ହେଲେ ପୁଲିସକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆଭାସି ମାଧ୍ୟମରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ଉଦ୍‌ଘାଟନ କରି ସାଇବର ଅପରାଧ ଶିକାର ହେଉଥିବା କିଶୋରୀ ବିନା ଭୟରେ ସିଧାସଳଖ ପୁଲିସ ସହାୟତା କିପରି ପାଇବେ, ତା'ଉପରେ ଗୁରୁତ୍ୱାରୋପ କରିଥିଲେ। ଫ୍ରଡ୍ ମେସେଜଠୁ ଦୂରରେ ରହିବା ସହ ଅଚିହ୍ନା ବ୍ୟକ୍ତିଙ୍କ ସହିତ କୌଣସି ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ସେୟାର ନ କରିବାକୁ ପରାମର୍ଶ ଦେଇଥିଲେ। ଆଇଆଇସି ନାରାୟଣ ସାହୁ, ମହିଳା ଶିଶୁ ଡେସ୍କ ଅଧିକାରିଣୀ ଏସଆଇ ଧରିତ୍ରୀ ଜେନା, ଏଏସଆଇ ଶୁଭଲକ୍ଷ୍ମୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ଗରଦପୁର:** କିଶୋରୀଙ୍କୁ ସଚେତନ, ସୁରକ୍ଷିତ ଓ ସଶକ୍ତ କରିବା ଲକ୍ଷ୍ୟରେ ପାଟକୁରା ଥାନା ପରିସରରେ ଭାଲେଣ୍ଟିକା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଥାନାର ଭାରପ୍ରାପ୍ତ ଅଧିକାରୀ ଦାୟିତ୍ୱରେ ଥିବା ଦୀପ୍ତିମୟୀ ରାଉତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ପାଟକୁରା ଥାନା ଅଧୀନରେ ଥିବା ମାର୍ଶାଘାଇ ଓ ଗରଦପୁର



ବ୍ଲକର ମାଣ୍ଡିଆ, ପାଇଲୋ, ଜଗଦଳପୁର, ବ୍ରହ୍ମପୁର ଓ ପାଖଡ଼ ଅଙ୍ଗନବାଡି କେନ୍ଦ୍ରରୁ ଆସିଥିବା କିଶୋରୀ ବାଳିକାଙ୍କୁ ସଚେତନ କରାଯାଇଥିଲା। ନିଜ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ରହିବା, ଅଚିହ୍ନା ବ୍ୟକ୍ତିଙ୍କ ସହ କେଉଁଠିକୁ ନ ଯିବା ଓ ରାସ୍ତାରେ କେହି ଅସଦାଚରଣ କଲେ ତୁରନ୍ତ ୧୦୯୮ ନମ୍ବରକୁ ଫୋନ କରି ପୁଲିସକୁ ସୂଚନା ଦେବାକୁ ପରାମର୍ଶ ଦିଆଯାଇଥିଲା। ପାଟକୁରା ଥାନାର ରେବତୀ ପରିଡ଼ା, ଗରଦପୁର ଓ ମାର୍ଶାଘାଇ ବ୍ଲକର ସୁପରଭାଇଜର ମଧୁସ୍ମିତା ବେହେରା ଓ ଶଶୀରେଖା ସିଂହ ଉପସ୍ଥିତ ଥିଲେ। ଅଙ୍ଗନବାଡି କର୍ମୀ ସଂଘମିତ୍ରା ଲେଙ୍କା, ଅନୀତା ପଣ୍ଡା, ମାନସୀ ସାହୁ, ନମିତା ନାୟକ ଓ ଆରତୀ ସେନାପତ ଯୋଗ ଦେଇଥିଲେ।

**ମହାକାଳପଡ଼ା:** ମହାକାଳପଡ଼ା ଥାନା ପରିସରରେ ଅଧିକାରୀ ମାନସ ମଲ୍ଲିକଙ୍କ ନେତୃତ୍ୱରେ ସ୍ଥାନୀୟ କିଶୋରୀଙ୍କୁ ନେଇ ସାଇବର ଅପରାଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସବଇନ୍ସପେକ୍ଟର ତପସ୍ୱିନୀ ବିଶ୍ୱାଳ




କିଶୋରୀଙ୍କୁ ଅନଲାଇନରେ ବ୍ୟକ୍ତିଗତ ଫଟୋ ସେୟାର ନ କରିବା, ନିଜର ପାସୱାର୍ଡ ସୁରକ୍ଷା ରଖିବା ଓ ଅଜଣା ବ୍ୟକ୍ତିଙ୍କ ସହ ବନ୍ଧୁତା ସ୍ଥାପନ ନ କରିବା ନେଇ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀ ରଶ୍ମିତା ବେହେରା, ଜୟନ୍ତୀବାଳା ଦାସ, ସରୋଜିନୀ ବେହେରା, ମମତା ରାଉତ, ଜ୍ୟୋତ୍ସ୍ନାମୟୀ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସବଇନ୍ସପେକ୍ଟର ତପସ୍ୱିନୀ ବିଶ୍ୱାଳ, ଏଏସଆଇ ଦାଶରଥି ମହାରଣା, ପ୍ରଭାତ ରାଉତ, ଟ୍ରେନର ଜୟନ୍ତ ମାହାଳି, ସୁମିତ୍ରା ନାୟକ, ଜଗନ୍ନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

